# ବିଶ୍ୱାସ

ମାତ୍ର ଆପଣଙ୍କୁ ତ ପରମେଶ୍ୱରଙ୍କଠାରେ ଥିବା ବିଶ୍ୱାସକୁ ବ୍ୟବହାର କରିବାକୁ ପଡିବ, ଯେପରିକି ଏହା କାର୍ଯ୍ୟକାରୀ ହୁଏ । ବୁଝିଲେ? ତେଣୁ ଆପଣଙ୍କ ନିଜ ଭିତରେ ଆପଣ ନିଜର ପୁନରୁତ୍ଥାନକୁ ପାଇଅଛନ୍ତି । ଆପଣଙ୍କର ପୁନରୁତ୍ଥାନ ଆପଣଙ୍କ ନିଜ ଭିତରେ, ଆପଣଙ୍କର ଆତ୍ମାରେ ରହିଅଛି ।

2 ବର୍ତ୍ତମାନ, ଆପଣ ଜାଣନ୍ତି, ଯେତେବେଳେ ଯୀଶୁ କ୍ରୁଶରେ ମୃତ୍ୟୁବରଣ କରିଥିଲେ, "ତାହାଙ୍କର ଆତ୍ମା ନରକକୁ ଓହ୍ଲାଇ କାରାଗାରରେ ବନ୍ଦୀ ଥିବା ପ୍ରାଣଗୁଡିକୁ ପ୍ରଚାର କରିଥିଲା, ଯେଉଁମାନେକି ନୋହଙ୍କ ଦୀର୍ଘସହିଷ୍ଣୁତାର ଦିନରେ ମନଫେରଣ କରି ନ ଥିଲେ ।" ତାହାଙ୍କର ଶରୀର କବର ଭିତରକୁ ଯାଇଥିଲା । ମାତ୍ର, ସେ ମରିବା ପୂର୍ବରୁ, ସେ ନିଜର ଆତ୍ମାକୁ ପରମେଶ୍ୱରଙ୍କ ହସ୍ତରେ ସମର୍ପଣ କରିଥିଲେ । ତୁମ ହସ୍ତରେ..."ତୁମ ହସ୍ତରେ ମୁଁ ମୋର ଆତ୍ମାକୁ ପ୍ରଦାନ କରେ ।" ତେଣୁ, ଆପଣ ଦେଖନ୍ତୁ, ତାହାଙ୍କର ଆତ୍ମା ପରମେଶ୍ୱରଙ୍କ ନିକଟକୁ ଗଲା; ତାହାଙ୍କର ପ୍ରାଣ ନରକକୁ ଗଲା; ତାହାଙ୍କର ଦେହ କବରକୁ ଗଲା ।

3 ତେବେ, ସେହି ଆତ୍ମା ଯାହା ତାହାଙ୍କଠାରେ ଥିଲା ତାହା ପରମେଶ୍ୱରଙ୍କ ଆତ୍ମା ଥିଲା । "ସେହି ଆତ୍ମା, ପୂରାକାଳରେ ଏବଂ ବିଭିନ୍ନ ପ୍ରକାରେ, ଭବିଷ୍ୟଦ୍‌ବକ୍ତାମାନଙ୍କୁ ଅଭିଷିକ୍ତ କରିଥିଲା, ଯେ ଲୋକମାନଙ୍କ ନିକଟକୁ ବାର୍ତ୍ତା ଅଣାଯାଏ; ଏହି ଶେଷ ଦିନମାନଙ୍କରେ, ଖ୍ରୀଷ୍ଟଙ୍କ ମାଧ୍ୟମରେ ଆଣିଲେ; ଏବଂ ବର୍ତ୍ତମାନ, ଏଠାରେ ଏହି ଦିନମାନଙ୍କରେ, ସୁସମାଚାର ମାଧ୍ୟମରେ ଆଣିଛନ୍ତି ।" ତେବେ, ଯେତେବେଳେ ଆମେମାନେ ଖ୍ରୀଷ୍ଟଙ୍କୁ ନିଜ ହୃଦୟରେ ଗ୍ରହଣ କରୁ, ତାହାହିଁ ସବୁକିଛି ଅଟେ ଯାହାକି ଆମର ଆବଶ୍ୟକତା ଅଟେ । ସେଠାରେ ଅନନ୍ତ ଜୀବନ ଅଛି ।

4 ତେବେ, ତିନି ଦିନ ପୂରଣ ନ ହେବା ପର୍ଯ୍ୟନ୍ତ ଖ୍ରୀଷ୍ଟ ଫେରି ଆସିପାରି ନ ଥିଲେ । କାରଣ, ତାହାଙ୍କର ଆତ୍ମା ଏକ ପରଦା ପଛରେ ଥିଲା, ଯଥା ଏହିପରି, ଏକ ଅବରୋଧ, ଯେ ସେ ସେହି ଅବରୋଧକୁ ପାର ହୋଇ ପାରି ନ ଥିଲେ, କାରଣ ଏହା ପରମେଶ୍ୱରଙ୍କ କଥିତ ବାକ୍ୟ ଥିଲା, ଯେ, "ତାହାଙ୍କୁ ତିନି ଦିନ ଓ ତିନି ରାତି କବରରେ ରହିବାକୁ ଥିଲା ।" ତେବେ, ସେ ତିନି ଦିନ ଓ ରାତି ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଫେରି ଆସି ପାରି ନ ଥିଲେ । ତାହାପରେ ଯେତେବେଳେ ତିନି ଦିନ ଓ ରାତି ପୂର୍ଣ୍ଣ ହେଲା, ତାହାଙ୍କର ଆତ୍ମା ମୁକ୍ତ କରାହେଲା । ଏହା ସିଧାସଳଖ ତାହାଙ୍କର ପ୍ରାଣ ନିକଟକୁ ଗଲା, ଏବଂ ତାହାଙ୍କର ପ୍ରାଣ ଫେରି ଆସି ସେହି ଶରୀରକୁ ଉଠାଇଲା, ଏବଂ ତାହା ପୂରଣ କଲା ଯାହା ସେ କହିଥିଲେ, "ମୋ ଠାରେ ନିଜର ଜୀବନକୁ ଦେଇ ଦେବାର ଶକ୍ତି ଅଛି । ମୋ ଠାରେ ଏହାକୁ ପୁନର୍ବାର ଉଠାଇ ନେବାର ଶକ୍ତି ଅଛି । ମୋ ଠାରେ ଶକ୍ତି ଅଛି ।"

5 ତେବେ, ଆପଣଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ପାଖରେ ସେହି ସମାନ ଉପାୟରେ, ଶକ୍ତି ଅଛି,

କାରଣ ଆପଣ ପରମେଶ୍ୱରଙ୍କ ପୁତ୍ର ଏବଂ କନ୍ୟା ଅଟନ୍ତି । ଏବଂ ଏହି ସକାଳରେ, ଠିକ ସେହି ଆତ୍ମା ଯାହାକି ଆପଣଙ୍କ ଭିତରେ ଅଛି, ସେହି ପବିତ୍ରଆତ୍ମା ଯାହାକି ଆଜି ସକାଳେ ଆପଣଙ୍କ ଭିତରେ ଅଛି, ସେହି ସମାନ ପବିତ୍ରଆତ୍ମା ଆପଣଙ୍କୁ ଉତ୍ଥିତ କରାଇବେ । ତେଣୁକରି, ଆପଣଙ୍କ ପାଖରେ ନିଜକୁ ଉଠାଇବାର ଶକ୍ତି ଅଛି ।

6 ଯେତେବେଳେ ଆପଣ ମୃତ୍ୟୁବରଣ କରନ୍ତି, ଆପଣଙ୍କର ପ୍ରାଣ ସେଠାରେ—ସେଠାରେ ଭିତରକୁ…ପରମେଶ୍ୱରଙ୍କ ବେଦୀ ତଳେ, ସେଥିରେ ନୁହେଁ…ଠିକ ପରମେଶ୍ୱରଙ୍କ ଉପସ୍ଥିତିକୁ ଚାଲିଯିବ । ତେବେ, ଆପଣଙ୍କର ଆତ୍ମା ପରମେଶ୍ୱରଙ୍କ ନିକଟକୁ ଯିବ, ମାତ୍ର ଆପଣ ଫେରି ଆସିପାରନ୍ତି ନାହିଁ । ମନେରଖନ୍ତୁ, ବାଇବଲରେ, ଏହା କୁହେ ଯେ ସେହି ଆତ୍ମା…"ଯଜ୍ଞବେଦୀ ତଳେ ଥିବା ପ୍ରାଣଗୁଡିକ କ୍ରନ୍ଦନ, କରୁଅଛନ୍ତି, 'ପ୍ରଭୁ, କେତେ କାଳ, କେତେ କାଳ?'" ଏବଂ ଶାସ୍ତ୍ର ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ ଫେରି ଆସିପାରିବେ ନାହିଁ, ଏବଂ, ଯେପରିକି ଖ୍ରୀଷ୍ଟ, ଶାସ୍ତ୍ର ପୂରଣ ନ ହେବା ପର୍ଯ୍ୟନ୍ତ ଫେରି ଆସିପାରିବେ ନାହିଁ । ତେବେ, ତାହାପରେ, ଏହିସବୁ ବିଷୟ ଘଟିବା ପରେ, ସମସ୍ତ ଦୁଃଖ ସମାପ୍ତ ହୋଇଯିବା ପରେ, ଏବଂ ଭାଇମାନେ ସେହି ସମାନ ଦୁଃଖପୀଡା ଭୋଗିଲା ପରେ, କିମ୍ୱା ସେମାନେ ଯେପରି ଯନ୍ତ୍ରଣା ଭୋଗିବା ପରେ ଯେପରିକି ଆମେ ଭୋଗିଅଛୁ, ଏବଂ ପ୍ରଭୃତି ପରେ; ତେବେ, ସେହି ଦିନରେ, ଆପଣ ଅବିକଳ ଭବରେ ଜାଣିବେ ଯେ ଆପଣ କେଉଁଠାରେ କବରପ୍ରାପ୍ତ ହୋଇଛନ୍ତି, ଆପଣଙ୍କର ଆତ୍ମା ପରମେଶ୍ୱରଙ୍କଠାରୁ ମୁକ୍ତ ହୋଇଯିବ ଏବଂ ପ୍ରାଣ ନିକଟକୁ ଫେରିଆସିବ ।

7 ତେବେ, ସେହି ପ୍ରାଣଟି ଆପଣଙ୍କର ସେହି ଅଂଶ ଅଟେ ଯାହାକି ଜାଣେ ଏବଂ ବୁଝେ, ଆପଣଙ୍କର ବୁଦ୍ଧିମତ୍ତା ଅଟେ । କଅଣ ଆପଣମାନଙ୍କର ସେହି ଦର୍ଶନ ମନେ ଅଛି କି ଯାହାକି ମୁଁ ଅଳ୍ପ କିଛି ଦିନ ପୂର୍ବରୁ ଦେଖିଥିଲି, କିମ୍ୱା ସେହି ଅଳ୍ପ ଟିକିଏ ରୂପାନ୍ତରଣ ହୋଇଥିଲା, ଯେଉଁଠାରେକି ସେହି ସ୍ଥାନକୁ ଯାଇ ସେହି ଲୋକମାନଙ୍କୁ ଦେଖିଥିଲି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।] ତେବେ, ଆପଣଙ୍କର ଆତ୍ମା ସେହି ଶରୀର ନିକଟକୁ ଫେରି ଆସିବ, ଏବଂ ସେହି—ସେହି ପ୍ରକାରର ଏକ ଶରୀର, ସେହି ପ୍ରାଣ, ଯାହାକି ଏକ ଶରୀର ଅଟେ ଯାହାକୁ ଭୋଜନ କରିବାକୁ ପଡିବ ନାହିଁ ଏବଂ ଇତ୍ୟାଦି କରିବାକୁ ପଡିବ ନାହିଁ । "ଯଦି ଏହି ପାର୍ଥିବ ତମ୍ବୁରୂପ ଗୃହ ଭାଙ୍ଗି ଯାଏ, ତେବେ ଆମର ଆଉ ଗୋଟିଏ ଅପେକ୍ଷା କରୁଅଛି," ଏକ ସ୍ୱର୍ଗୀୟ ଶରୀର । ଏବଂ ସେହି ଆତ୍ମା, ଏବଂ ସେହି ପ୍ରାଣ ଓ ସ୍ୱର୍ଗୀୟ ଶରୀର ସହିତ, ଆପଣ ପୁନର୍ବାର ଏହି ପ୍ରାକୃତିକ ଶରୀରକୁ ସେହି ମହାନ ସହସ୍ରାବ୍ଦୀ ନିମନ୍ତେ ଉତ୍ଥିତ କରିବେ । ବୁଝିଲେ? ଆପଣଙ୍କ ପାଖରେ ବର୍ତ୍ତମାନ, ତାହା କରିବା ପାଇଁ ସେହି ଶକ୍ତି ଅଛି, ତେବେ, ମାତ୍ର ଆପଣଙ୍କ ପାଖରେ ଥିବା ସେହି ଶକ୍ତି ବର୍ତ୍ତମାନ ଏକ ନୂତନ ଜଗତକୁ ସୃଷ୍ଟି କରିପାରିବ । ପରମେଶ୍ୱରଙ୍କର ଛୋଟ, ଦୁର୍ବଳ ଦାଗମାନ, ଏବଂ ବଡ଼, ଭାରୀ ଦାଗମାନ ଯାହାକି ଶକ୍ତିଶାଳୀ ଅଟେ ସେପରି ନୁହେଁ, ପରମେଶ୍ୱରଙ୍କର ସର୍ବନିମ୍ନ ଛୋଟ ସ୍ପର୍ଶଟି ସର୍ବଶକ୍ତିମାନ ଅଟେ, ଦେଖନ୍ତୁ, ପରମେଶ୍ୱରଙ୍କ ସେହି ସର୍ବନିମ୍ନ, ଛୋଟ ସ୍ପର୍ଶ ।

8 ଅତଏବ, ଆପଣ ଜାଣନ୍ତି, ତେଣୁ ମୁଁ ବର୍ତ୍ତମାନ ଆପଣଙ୍କୁ ବିଶ୍ୱାସରେ ଆଣିବାକୁ

ଚେଷ୍ଟା କରୁଅଛି, ଆପଣ ଜାଣନ୍ତି ଯେ ଖ୍ରୀଷ୍ଟିଆନ ଭାବରେ, ଆପଣଙ୍କ ସହିତ କିଛି ଗୋଟାଏ ଘଟିଅଛି । କଅଣ ଆପଣ ଜାଣନ୍ତି କି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।] ଆପଣ *ଏଠାରେ* ତଳେ ଅଳିଆ ଗଦାରେ ଗମନାଗମନ କରୁଥିଲେ, ସମସ୍ତ ଆବର୍ଜନା ଏବଂ ପାପ ସହିତରେ, ଏବଂ ମଦ୍ୟପାନ, ଏବଂ ଜୁଆ ଖେଳ, ଏବଂ—ଏବଂ ଜଗତର ଜିନିଷଗୁଡ଼ିକ ସହିତରେ । ତେବେ, ଆପଣ ଯେତେବେଳେ ବିଶ୍ୱାସ କଲେ ଯେ ଖ୍ରୀଷ୍ଟ ଆପଣଙ୍କର ପାପଗୁଡିକୁ କ୍ଷମା କରି ଦେଇଛନ୍ତି, ଆପଣ ସେହି ବିଷୟଗୁଡିକ ଉପରେ ଉଠିଲେ । ବର୍ତ୍ତମାନ ଆପଣ *ଏଠାରେ* ଉପରେ ଗମନାଗମନ କରୁଛନ୍ତି, ଦେଖନ୍ତୁ, ଏହାର ସମସ୍ତକିଛି ଉପରେ । କାହିଁକି? କାରଣ ଯେ ଆପଣ ଏହା ବିଶ୍ୱାସ କରନ୍ତି ଯେ ଆପଣ ଜଣେ ଖ୍ରୀଷ୍ଟିଆନ ଅଟନ୍ତି । ତାହାପରେ ଯେତେବେଳେ ଆପଣ ଖ୍ରୀଷ୍ଟଙ୍କୁ ଗ୍ରହଣ କଲେ, ଏବଂ ପବିତ୍ରଆତ୍ମା ଆପଣଙ୍କ ପାଖକୁ ଆସିଲା, ସେତେବେଳେ ଆପଣଙ୍କର ପବିତ୍ରଆତ୍ମାଙ୍କ ଉପରେ ବିଶ୍ୱାସ ରହିଲା, ଯାହାକି ଆପଣଙ୍କୁ ସେହି ପ୍ରକାରର ଏକ ପାପମୟ ଜୀବନ ଉପରେ ଗମନାଗମନ କରିବାକୁ ଶକ୍ତି ପ୍ରଦାନ କରିଥାଏ ।

9 ତେବେ, ବର୍ତ୍ତମାନ, ଆପଣଙ୍କୁ କେବଳ ଗୋଟିଏ ବିଷୟ କରିବାକୁ ହେବ, ତାହା ହେଲା ଉଚ୍ଚକୁ ଗମନ କରି ଆରୋଗ୍ୟତା ମଧ୍ୟକୁ ଯିବା, କେବଳ ଅଧିକ ବିଶ୍ୱାସ ରଖିବା, କେବଳ—କେବଳ ଏହାକୁ ବାହାରକୁ ଧକ୍କା ଦେଉଥିବା । ବୁଝିଲେ? ଏବଂ ଆପଣ ସେଠାରେ ଅଛନ୍ତି । ବର୍ତ୍ତମାନ ତେବେ ଆପଣ ଅସୁସ୍ଥ ଅଛନ୍ତି, ଏବଂ ଆପଣ ଜଣେ ଖ୍ରୀଷ୍ଟିଆନ ନୁହଁନ୍ତି, ତାହାହେଲେ ବର୍ତ୍ତମାନ ହିଁ ଖ୍ରୀଷ୍ଟିଆନ ହୋଇଯାଆନ୍ତୁ, ଯେପରିକି ଖ୍ରୀଷ୍ଟିଆନ ହେବା ଦ୍ୱାରା. ସେହି ଆରୋଗ୍ୟତା ଶକ୍ତି ଆପଣଙ୍କ ଭିତରକୁ ଆସିବ । ଏବଂ ତାହା ଆପଣଙ୍କୁ ପାପ ଉପରେ ଗମନାଗମନ କରିବା ପାଇଁ ବିଶ୍ୱାସ ପ୍ରଦାନ କରିବ । ଏହା ଆପଣଙ୍କୁ ବିଶ୍ୱାସ ପ୍ରଦାନ କରିବ । ଏବଂ ଏହି ଯାତ୍ରାରେ, ଆପଣଙ୍କର ଯାହା କିଛି ଆବଶ୍ୟକ ରହିଅଛି, ତାହା ଠିକ ବର୍ତ୍ତମାନ ହିଁ ଆପଣଙ୍କଠାରେ ଅଛି । ଏବଂ ଆପଣଙ୍କୁ କେବଳ ଗୋଟିଏ ବିଷୟ କରିବାକୁ ଅଛି ତାହା ହେଲା ପରମେଶ୍ୱରଙ୍କ ଉପରେ ବିଶ୍ୱାସ ରଖିବା, ଯାହାକି ଆପଣଙ୍କ ଭିତରୁ ଉତ୍ତମ ଉତ୍ତମ ବିଷୟଗୁଡିକୁ ବାହାର କରିଥାଏ, ଯାହା ପବିତ୍ରଆତ୍ମାଙ୍କ ଦ୍ୱାରା, ଆପଣଙ୍କ ଭିତରେ ଅଛି । କଅଣ ଆପଣ ବର୍ତ୍ତମାନ ସ୍ୱଷ୍ଟ ଭାବରେ ବୁଝୁଛନ୍ତି କି? କଅଣ ଆପଣ ବୁଝିଲେ କି?

10 ମୁଁ ବିଶ୍ୱାସ କରେ ଯେ ବିଲି ମୋତେ ଗତକାଲି ରାତି କହିଲା, ମୋତେ ଡାକି କହିଲା, "ଆଜି ସକାଳେ, ଭିତରକୁ ଆସ, ବିଶେଷକରି ଜଣେ ବ୍ୟକ୍ତିଙ୍କ ପାଇଁ ଆସ, ଯିଏକି ଏହା ଭାବୁଥିଲେ ଯେ ଆମର ଏହି ସପ୍ତାହରେ, ସେହି ସପ୍ତ ମୁଦ୍ରାର ସେବା ହେଉଅଛି ।" ଏବଂ ମୁଁ ଭାବୁଛି, ସେମାନେ ଏକ ଅସୁସ୍ଥ ଶିଶୁକୁ ଆଣିଥିଲେ । ଏବଂ ମହାଶୟ, ଯଦି ଆପଣ ବର୍ତ୍ତମାନ ଏଠାରେ ଅଛନ୍ତି, ମନେରଖନ୍ତୁ, ଆପଣ କରିପାରନ୍ତି ନାହିଁ…ଆପଣଙ୍କର—ଆପଣଙ୍କର ବିଶ୍ୱାସକୁ ସେହି ପିଲା ନିମନ୍ତେ ଯିବାକୁ ହେବ, ଯଦି ଏହା—ଯଦି ଏହା ଏକ ଛୋଟ, ସାନ ଶିଶୁ ଅଟେ ।

11 ମାତ୍ର ବର୍ତ୍ତମାନ ମୋତେ ଅନ୍ୟ ଏକ ଶାସ୍ତ୍ରାଂଶ ନେବାକୁ ଦିଅନ୍ତୁ, ଯଦି ଏହା ଠିକ୍

ଅଟେ, କେବଳ ଗୋଟିଏ କ୍ଷଣ ପାଇଁ। [ଭାଇ ନେଭିଲ୍ କୁହନ୍ତି, "ଭାଇ, ଅଗ୍ରସର ହୁଅନ୍ତୁ। ଆମେନ୍।"—ସମ୍ପା।]

12 ବର୍ତ୍ତମାନ, କେବଳ ମନେରଖନ୍ତୁ, ଯେ ସୁସମାଚାରରେ, ଆମେ 16ତମ ପର୍ବରେ ପାଠ କରୁ, ମୁଁ ବିଶ୍ୱାସ କରେ, ପ୍ରେରିତ କ୍ରିୟା ପୁସ୍ତକର, ଯେଉଁଠାରେ ପାଉଲ ଏବଂ ଶୀଲା ଗୋଟିଏ ରାତି କାରାଗାରରେ ଥିଲେ। ଏବଂ ସେମାନଙ୍କୁ ପ୍ରହାର କରା ଯାଇଥିଲା କାରଣ ସେମାନେ ଜଣେ ଭାଗ୍ୟ-ଗଣନା କରୁଥିବା ଝିଅଠାରୁ ଶୟତାନ ଆତ୍ମାକୁ ବାହାର କରିଥିଲେ। ଏବଂ ଏହା ଥିଲା...ଏବଂ, ସେ, ତାର କର୍ତ୍ତାମାନେ ଏହି ବିଷୟରେ କ୍ରୋଧିତ ହୋଇଥିଲେ। ଏବଂ ସେମାନଙ୍କୁ ମାଡ଼ ମାରି, ଭିତରିସ୍ଥ କାରାଗାରରେ ନିକ୍ଷେପ କରିଥିଲେ। ଏବଂ ଯେତେବେଳେ ସେମାନେ ତାହା କଲେ, ପାଉଲ ଏବଂ ଶୀଲା ପ୍ରାର୍ଥନା କରୁଥିବା ସମୟରେ, ପରମେଶ୍ୱର ଏକ ଭୂକମ୍ପ ପଠାଇ ସେହି କାରାଗାରକୁ କମ୍ପମାନ କରି ଭାଙ୍ଗି ପକାଇଲେ।

13 ସେହି ଫିଲିପ୍ପିୟ କାରାରକ୍ଷକ, ଜଣେ ଶତସେନାପତି ହୋଇଥିବାରୁ, ଯାହାକି, ତାଙ୍କର—ତାଙ୍କର ବନ୍ଦୀମାନଙ୍କୁ ହରାଇବା, ତାଙ୍କୁ ସେହି ବନ୍ଦୀମାନଙ୍କ ବଦଳରେ ନିଜର ଜୀବନକୁ ଦେବାକୁ ପଡିଥାନ୍ତା। ସେ ନିଜର ଖଣ୍ଡା ବାହାର କରି ଆତ୍ମହତ୍ୟା କରିବାକୁ ଯାଉଥିଲେ, ଯେତେବେଳେ ପାଉଲ ଦୌଡ଼ିଯାଇ କହିଲେ, "ଆପଣାର କୌଣସି କ୍ଷତି କର ନାହିଁ। ଆମେମାନେ ସମସ୍ତେ ଏଠାରେ ଅଛୁ।"

14 ଏବଂ ଏହି ଶତସେନାପତିଙ୍କର ରହିଥିଲା, ଯଥା, ପାଉଲ ଏବଂ ସେମାନଙ୍କ ବିଷୟରେ କିଛି ଭାବନା ରହିଥିଲା। ସେମାନେ ହୁଏତ ଭଜନ ଗାଇଥିବେ। ସେମାନେ ହୁଏତ ସାକ୍ଷ୍ୟ ଦେଇଥିବେ, କିମ୍ବା କିଛି ଗୋଟାଏ ବିଷୟ କରିଥିବେ। ମାତ୍ର, ଏହା ଯାହାକିଛି ବି ଥିଲା, ସେମାନେ ଜାଣିଥିଲେ ଯେ ସେମାନେ ପବିତ୍ର ବ୍ୟକ୍ତିମାନେ ଥିଲେ। ସେମାନେ ଜାଣିଥିଲେ ଯେ ସେହି ପୁରୁଷମାନଙ୍କ ବିଷୟରେ କିଛି ଗୋଟାଏ ଭିନ୍ନ ଥିଲା। କାରଣ, ଶୀଘ୍ର ହିଁ, ସେ ପଚାରିଲେ, "ପରିତ୍ରାଣ ପାଇବା ନିମନ୍ତେ ମୋତେ କଅଣ କରିବାକୁ ହେବ? ପରିତ୍ରାଣ ପାଇବା ନିମନ୍ତେ ମୋତେ କଅଣ କରିବାକୁ ହେବ?"

15 ତେବେ, ପାଉଲ କହିଲେ, "ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର, ଏବଂ ତୁମ୍ଭେ ଓ ତୁମ୍ଭ ଗୃହ ଉଦ୍ଧାର ପାଇବ।"

16 ତେବେ, ବର୍ତ୍ତମାନ, ଯଦି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବା...ଏହାର ଅର୍ଥ ତାହା ନୁହେଁ ଯେ *ତାଙ୍କର* ପରିତ୍ରାଣ ଗୃହକୁ ରକ୍ଷା କରିବ। ମାତ୍ର ଯଦି ତାଙ୍କଠାରେ ନିଜର ପରିତ୍ରାଣ ପାଇଁ ପରମେଶ୍ୱରଙ୍କ ଉପରେ ଯଥେଷ୍ଟ ବିଶ୍ୱାସ ରହିଥାଏ, ତାହାହେଲେ ସେ ତାଙ୍କ ଘର ପାଇଁ ମଧ୍ୟ ସେହି ସମାନ ବିଶ୍ୱାସ ପାଇପାରନ୍ତି। ଏବଂ ଦେଖନ୍ତୁ, ତାଙ୍କ ଗୃହକୁ ମଧ୍ୟ ସେହି ସମାନ ବିଷୟ ଭିତରକୁ, ଆସିବାକୁ ପଡିବ।

17 ଠିକ ଯେପରି ଆୟୁବ ସମାନ ଭାବରେ କରିଥିଲେ, ଯାହା ମୁଁ ଅନ୍ୟ ରାତିରେ କହିଥିଲି, ତଳେ ଜର୍ଜିଆଠାରେ, ଏକ ସଭାରେ। ମୁଁ କହିଲି, "ଆୟୁବ, ସେ କହିଥିଲେ, 'ତେବେ, ମୁଁ ଜାଣେ

ନାହିଁ ଯେ ମୋର ପିଲାମାନେ ପାପ କରିଛନ୍ତି କି ନାହିଁ, ମାତ୍ର କଅଣ ହୁଏ ଯଦି ସେମାନେ ପାପ କରିଥିବେ? ’” ଏବଂ ଆୟୁବଙ୍କ ଠାରେ, ଧାର୍ମିକ ହେବା ନିମନ୍ତେ କରିବାକୁ ଗୋଟିଏ ବିଷୟ ଥିଲା, ତାହା ହେଲା, ଏକ ହୋମବଳି ଅର୍ପଣ କରିବା। ସେ କହିଲେ ସେ ସେହି ହୋମବଳି ଉତ୍ସର୍ଗ କରିବେ, ଯଦି ତାଙ୍କର ସନ୍ତାନମାନେ ପାପ କରିଥିବେ, ତେବେ ସେମାନଙ୍କର ପାପ କ୍ଷମା କରାଯିବ। ଏବଂ ଏହା ଏକ ଉତ୍ତମ ବିଷୟ ଥିଲା ଯେ ପିତା ଏହା କରିଥିଲେ। ତାହା ଜଣେ ଉତ୍ତନ-ଚିନ୍ତା କରୁଥିବା ପିତା ଅଟନ୍ତି। ଆଜି ଆମକୁ ସେହି ପ୍ରକାରର ଅନେକ ପିତାଙ୍କର ଆବଶ୍ୟକତା ଅଛି। ଏବଂ ଆୟୁବ ହୋମବଳି ଉତ୍ସର୍ଗ କଲେ। ଏହା ତାଙ୍କର ଦୁଃଖଦ ଘଟଣାସବୁ ଆସିବା ପୂର୍ବରୁ ଥିଲା।

18 ମାତ୍ର ଯେତେବେଳେ ତାଙ୍କର ସମସ୍ତ ସନ୍ତାନମାନେ ମରିଗଲେ, ଏବଂ ତାଙ୍କର ସମସ୍ତ ମେଣ୍ଢାମାନେ ବିନଷ୍ଟ ହୋଇଗଲେ, ଏବଂ ତାଙ୍କର ଯାହା କିଛି ଥିଲା, ତାହାସବୁ ନେଇ ନିଆଗଲା, ସେ ନିଜ ଘର ପଛରେ ଥିବା ପାଉଁଶ ଗଦା ଉପରେ ବସି, ଖଣ୍ଡେ ପଥର ନେଇ ନିଜକୁ ରାମ୍ପି ହେଉଥିଲେ।

19 କଅଣ ଆପଣମାନେ ଧ୍ୟାନ ଦେଲେ କି, ତାଙ୍କ ଦୁଃଖଦ ଦିନଗୁଡିକ ପରେ, ଯେତେବେଳେ ପରମେଶ୍ୱର ତାଙ୍କୁ ପୁନର୍ବାର ପୁନଃସ୍ଥାପିତ କରିବାକୁ ଆରମ୍ଭ କଲେ? ଯେଉଁଠାରେ ତାଙ୍କର ଦଶ ହଜାର ଗୋରୁଗାଈ, ଏବଂ ଇତ୍ୟାଦି ସବୁ ଥିଲେ, ସେ ଦୁଇଗୁଣ ପୁନଃସ୍ଥାପନ କଲେ। ଏବଂ ତାଙ୍କର ମେଣ୍ଢାଗୁଡିକୁ ଦୁଇଗୁଣ କଲେ, ଏବଂ ସବୁକିଛିକୁ ଦ୍ୱିଗୁଣିତ କଲେ। ମାତ୍ର କଅଣ ଆପଣମାନେ ଧ୍ୟାନ ଦେଲେ କି? ଏବଂ ପରମେଶ୍ୱର ଆୟୁବଙ୍କୁ ତାଙ୍କର ସାତ ସନ୍ତାନ ମଧ୍ୟ ଦେଲେ। କଅଣ ଆପଣ କେବେ ଭାବିଛନ୍ତି କି ସେମାନେ କେଉଁଠାରେ ଥିଲେ? ସେହି ହୋମବଳି ସେମାନଙ୍କ ପାଇଁ ଛିଡା ହୋଇଥିଲା। ସେମାନେ ଉଦ୍ଧାର କରାଯାଇ, ତାଙ୍କର ଆଗମନକୁ ଅପେକ୍ଷା କରି, ମହିମାରେ ରଖାଯାଇଥିଲେ। ସେ ଆଜି ସେମାନଙ୍କ ସହିତରେ ଅଛନ୍ତି। “ତୁମ୍ଭେ ଓ ତୁମ୍ଭର ଗୃହ ଉଦ୍ଧାର କରାଯିବ।” ଦେଖନ୍ତୁ? ବର୍ତ୍ତମାନ, ଆୟୁବଙ୍କୁ ଧାର୍ମିକ ହେବା ନିମନ୍ତେ, ଗୋଟିଏ ଜିନିଷ କରିବାକୁ ଥିଲା, ତାହା ହେଲା ହୋମବଳି ଉତ୍ସର୍ଗ କରିବା।

20 ଆପଣଙ୍କୁ ଧାର୍ମିକ ହେବା ପାଇଁ, ଗୋଟିଏ ଜିନିଷ କରିବାକୁ ଅଛି, ତାହା ହେଲା, ପରମେଶ୍ୱରଙ୍କଠାରେ ବିଶ୍ୱାସ କରିବା। କାରଣ, ବିଶ୍ୱାସ ଦ୍ୱାରା ଆପଣ ଉଦ୍ଧାର କରାଯାଇଛନ୍ତି, ବିଶ୍ୱାସ ଦ୍ୱାରା ଆପଣ ସୁସ୍ଥ କରାଯାଇଛନ୍ତି, ବିଶ୍ୱାସ ଦ୍ୱାରା ଆପଣ ସେହି ସମସ୍ତ ଜିନିଷ ପାଇଥାଆନ୍ତି ଯାହା ଆପଣଙ୍କ ପାଖରେ ରହିଛି। ବୁଝିଲେ? ଏହା ତ ବିଶ୍ୱାସ ଦ୍ୱାରା ଅଟେ, ଯେ ଆପଣ ଏହାକୁ ପ୍ରତ୍ୟୟ କରନ୍ତି। ତେବେ, “ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କର, ଏବଂ ତୁମ୍ଭେ ଓ ତୁମ୍ଭର ଗୃହ ଉଦ୍ଧାର ପାଇବ।”

21 ବର୍ତ୍ତମାନ, ମହାଶୟ, ଯଦି ଆପଣ ଶିଶୁଟିକୁ ଏଠାରେ ପ୍ରାର୍ଥନା କରାଇବାକୁ ଆଣିଛନ୍ତି, ତାହାହେଲେ ଆପଣ ନିଜେ, ବିଶ୍ୱାସ କରନ୍ତୁ। ମୁଁ ଏଠାରେ ଆପଣଙ୍କ ସହିତ ମୋର ବିଶ୍ୱାସକୁ

ରଖିବା ପାଇଁ ଅଛି, ଏବଂ ଆମେ ଏକତ୍ର, ବିଶ୍ୱାସ କରିବା, ଯେ ପରମେଶ୍ୱର ସେହି ଶିଶୁଟିକୁ ସୁସ୍ଥ କରି ଦେବେ।

22 ଆପଣ ଦେଖନ୍ତୁ, ଆମେମାନେ ତାହା କରିବା ପାଇଁ ଆମ ଠାରେ ଶକ୍ତି ପାଇଅଛୁ। ଆପଣ ଏହା କରିବା ନିମନ୍ତେ ଆପଣଙ୍କଠାରେ ଶକ୍ତି ପାଇଛନ୍ତି। ପ୍ରତ୍ୟେକ ଖ୍ରୀଷ୍ଟିଆନ ପାଖରେ ଏହାକୁ କରିବାର ଶକ୍ତି ରହିଛି। ମାତ୍ର ବର୍ତ୍ତମାନ ଯଦି ଆମେମାନେ କେବଳ ପାଇପାରୁ...ସେହି ଶକ୍ତି ଏକ ନିୟମ ଦ୍ୱାରା ନିୟନ୍ତ୍ରିତ ଅଟେ।

23 ଯେପରିକି ମୁଁ ପ୍ରାୟତଃ କହିଥାଏ, ଏହା ତ ଏପରି କିଛି ଅଟେ ଯେପରିକି ମାଧ୍ୟାକର୍ଷଣ ଶକ୍ତି ଜଳକୁ ନିୟନ୍ତ୍ରଣ କରିଥାଏ, କାରଣ ଏହା ଏକ ନିୟମ ଅଟେ। ମାଧ୍ୟାକର୍ଷଣ ଶକ୍ତି ଜଳକୁ ନିୟନ୍ତ୍ରଣ କରିଥାଏ।

24 ସୂର୍ଯ୍ୟ, ତାହା ଦ୍ୱାରା—ତାହା ଦ୍ୱାରା ନିୟନ୍ତ୍ରିତ...କିମ୍ବା ପୃଥିବୀ, ପୃଥିବୀର ଘୂର୍ଣ୍ଣୟନ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଆପଣ କେବଳ ସୂର୍ଯ୍ୟକୁ ଗୋଟିଏ କାମ କରାଇ, ତାହାପରେ ଏହା କହିପାରନ୍ତି ନାହିଁ ଯେ, "ମୁଁ ଭାବୁଛି ମୁଁ ଆଉ ଟିକିଏ ଅଧିକ ସମୟ ଶୋଇବାକୁ ଚାହେଁ। ଗୋଟିଏ ଘଣ୍ଟା ଅଟକି ରହିଥାଅ।" ଏହା କରିବ ନାହିଁ, ଦେଖନ୍ତୁ, କାରଣ ସେଠାରେ ଏକ ନିୟମ ଅଛି। ଯଦି ଆପଣ ସେହି ନିୟମ ଅନୁଯାୟୀ କାର୍ଯ୍ୟ କରିବେ, ତେବେ ଯାଇ, ସବୁକିଛି ବିଷୟ ଠିକ୍ ରହିବ। ଯଦି ଆପଣ ଠିକ୍ ସମୟରେ ଶୋଇବାକୁ ଯିବେ, ତେବେ ଯାଇ ଆପଣ ଠିକ୍ ସମୟରେ ଉଠିପାରିବେ। ଏବଂ ଯଦି ଆପଣ...

25 ଯେପରିକି ଆମ ପାଖରେ ସୁପିରିଅର୍ ହ୍ରଦ, ଅନ୍‌ଟାରିଓ ହ୍ରଦ, ହୁରନ୍ ହ୍ରଦ, ଏବଂ ଏଠାରେ ସେହି ସମସ୍ତ ମହାନ ହ୍ରଦଗୁଡିକ ରହିଛି। ଆମ ପାଖରେ ନେୱାଡା, ଏବଂ କାଲିଫର୍ଣ୍ଣିଆ, ଏବଂ ଆରିଜୋନା, ଏବଂ ନ୍ୟୁ ମେକ୍ସିକୋରେ ହଜାର ହଜାର ଏକର ଜମି ରହିଛି, ଯାହାକି ସେହି ଜଳ ପାଇଁ, କ୍ଷୁଧିତ ହେଉଛନ୍ତି, ସେହି ଭୂମିର ଯାହାକି କୌଣସି ବିଷୟ ଉତ୍ପନ୍ନ କରିବ। ଆପଣ ସେଠାରେ, ସମଗ୍ର ବିଶ୍ୱକୁ ଭୋଜନ କରାଇ ପାରିବେ, ଯଦି ଆପଣଙ୍କ ପାଖରେ ଏଠାରେ ଉପରେ, କେବଳ ସେଠାରେ ତଳୁ, ଏହି ଜଳ ରହିଥିବ। ଏବଂ ଏହା ତାହାକୁ ବ୍ୟତିବ୍ୟସ୍ତ କରିବ ନାହିଁ, କାରଣ ଏହା ନିର୍ଝର ପୋଷିତ ଅଟେ। ଏହା ଠିକ ବାହାରିବା ମାତ୍ରେ, ପୁନର୍ବାର ଠିକ ସେହି ସ୍ତରକୁ ଆସେ, କାରଣ ମାଧ୍ୟାକର୍ଷଣ ଶକ୍ତି ଏହାକୁ ସେଠାରେ ଧରି ରଖିଥାଏ। ତେବେ, ବର୍ତ୍ତମାନ, ଯଦି ଆପଣ ମାଧ୍ୟାକର୍ଷଣ ଶକ୍ତିର ନିୟମ ଅନୁଯାୟୀ କାର୍ଯ୍ୟ କରିପାରନ୍ତି, ତାହାହେଲେ ଆପଣ ଏହି ସମସ୍ତ ମହାନ ହ୍ରଦଗୁଡିକର ଜଳରାଶିକୁ ନେଇ ସେହି ସମଗ୍ର ଦେଶକୁ ଜଳସେଚିତ କରିପାରନ୍ତି, ଏବଂ ସମଗ୍ର ବିଶ୍ୱକୁ ଭୋଜନ କରାଇ ପାରନ୍ତି, କେହି ବି ଭୋକିଲା ରହିବେ ନାହିଁ। ମାତ୍ର ଆପଣ ଏଠାରେ ବସି ରହି ଏହା କହିପାରନ୍ତି ନାହିଁ, "ହଁ। ମୁଁ ଏହା ଦେଖୁଅଛି। ନିଶ୍ଚିତରେ।" ଆପଣଙ୍କୁ ତ ଏହା କରିବା ପାଇଁ ଯିବାକୁ ପଡିବ।

26 ତେବେ, ତାହା ଠିକ୍ ସେହି ସମାନ ପ୍ରକାରେ ପରମେଶ୍ୱରଙ୍କ ନିୟମ ଦ୍ୱାରା ଅଟେ। ପରମେଶ୍ୱରଙ୍କ ନିୟମ ହେଉଛି ବିଶ୍ୱାସ। ଏବଂ ଆମ ପାଖରେ ଏଠାରେ ଆଜି ସକାଳେ,

କୌଣସି ବି ଅସୁସ୍ଥତାକୁ ଭଲ କରିବା ପାଇଁ, କିଛି ବି ବିଷୟକୁ କରିବା ପାଇଁ ବିଶ୍ୱାସ ରହିଛି। ମାତ୍ର ଏହା ଏକ ନିୟମ ଦ୍ୱାରା ନିୟନ୍ତ୍ରିତ ଅଟେ, ଏବଂ ସେହି ନିୟମଟି ହେଉଛି ବିଶ୍ୱାସ। ପରମେଶ୍ୱରଙ୍କ ନିୟମ ହେଉଛି ବିଶ୍ୱାସ। ଯୀଶୁ କହିଲେ, "ତୁମେମାନେ ପ୍ରାର୍ଥନା କରିବା ବେଳେ, ଯାହାସବୁ ବିଷୟ ଇଚ୍ଛା କର, ଯଦି ତୁମେମାନେ ଏହା ବିଶ୍ୱାସ କରିପାର ଯେ ତୁମେ ଏହାକୁ ଗ୍ରହଣ କରିପାର, ତେବେ ତୁମେ ଏହାକୁ ପାଇପାର।" ଆପଣ ସେଠାରେ ଅଛନ୍ତି। ତେଣୁକରି, ଏହା ହେଉଛି ବିଶ୍ୱାସ ଯାହାକି ଏହାକୁ ନିୟନ୍ତ୍ରଣ କରେ, ଏବଂ ଆମକୁ ବିଶ୍ୱାସ ସେହି ମାପରେ ଦିଆଯାଇଛି ଯେତିକି ଆମକୁ ତାହାର ପ୍ରୟୋଜନ ରହିଥାଏ। ତେବେ, ଆମକୁ କରିବାକୁ ହୁଏ…ପରମେଶ୍ୱର ଆମମାନଙ୍କ ମଧ୍ୟରୁ କେତେକଙ୍କୁ କିଛି ବିଶ୍ୱାସ ଦେଇଅଛନ୍ତି, ଅନ୍ୟ ଏକ ବିଶ୍ୱାସ ଦେଇଅଛନ୍ତି। ଏହା କୌଣସି କିଛି ମହାନ ଅଲୌକିକ ଶକ୍ତି ନୁହେଁ ଯାହାକି ଆପଣଙ୍କ ପାଖରେ ରହିଛି। କାରଣ, ଯେତେବେଳେ ଆପଣ ଜଣେ ଖ୍ରୀଷ୍ଟିଆନ ହୁଅନ୍ତି, ଆପଣଙ୍କ—ଆପଣଙ୍କ ପାଖରେ ସେହି ଶକ୍ତି ଆଗରୁ ରହିଥାଏ, କିନ୍ତୁ ଆପଣଙ୍କ ଠାରେ ସେହି ଶକ୍ତିକୁ କାର୍ଯ୍ୟକାରୀ କରିବା ନିମନ୍ତେ ବିଶ୍ୱାସର ଅଭାବ ରହିଥାଏ।

27 ତେଣୁକରି ବର୍ତ୍ତମାନ, ଆଜି ସକାଳେ, ଯେତେବେଳେ ଆପଣ ପ୍ରାର୍ଥନା କରାଯିବାକୁ ଆସନ୍ତି, ମନେରଖନ୍ତୁ, ବାଇବଲ ଏହା କହିଥାଏ। ଏହା ସତ୍ୟ ଅଟେ। ଯାକୁବ 5:14, "ଯଦି ତୁମମାନଙ୍କ ମଧ୍ୟରେ କେହି, ଅସୁସ୍ଥ ଅଛନ୍ତି, ସେମାନେ ମଣ୍ଡଳୀର ପ୍ରାଚୀନମାନଙ୍କୁ ଡକାନ୍ତୁ। ସେମାନେ ତାହାଙ୍କୁ ତେଲରେ ଅଭିଷେକ କରନ୍ତୁ, ଏବଂ ସେମାନଙ୍କ ଉପରେ ପ୍ରାର୍ଥନା କରନ୍ତୁ। ବିଶ୍ୱାସର ପ୍ରାର୍ଥନା ରୋଗୀଙ୍କୁ ଉଦ୍ଧାର କରିବ, ଏବଂ ପରମେଶ୍ୱର ତାଙ୍କୁ ଉଠା କରାଇବେ।" ଏହା ଏକ ପ୍ରତିଜ୍ଞା ଅଟେ, ଯଦି ଆପଣ ଏହାକୁ ବିଶ୍ୱାସ କରିବେ। ତେଣୁକରି, ଦେଖନ୍ତୁ, ଆରୋଗ୍ୟତା ବ୍ୟକ୍ତିବିଶେଷଙ୍କୁ ଦତ୍ତ ହୋଇଅଛି।

28 ଏହା ନାଜରିତୀୟ ଯୀଶୁଙ୍କ ସମୟରେ ହୋଇଥିଲା। ସେ ଲୋକମାନଙ୍କୁ ସେମାନଙ୍କର ବିରୁଦ୍ଧରେ—ସେମାନଙ୍କର ନିଜର ବିଶ୍ୱାସ ବିରୁଦ୍ଧରେ ସୁସ୍ଥ କରି ପାରି ନ ଥିଲେ। ସେ କହିଲେ, "ଯଦି ତୁମେ ବିଶ୍ୱାସ କରିପାର, ତେବେ ମୁଁ କରିପାରେ। ଯଦି ତୁମେ ବିଶ୍ୱାସ କର ଯେ ମୁଁ ଏହା କରିବାକୁ ସକ୍ଷମ, ତେବେ ମୁଁ ଏହା କରିପାରେ।" ଯଦି ତୁମେ ଏହାକୁ ବିଶ୍ୱାସ କରିପାର!

29 ତେଣୁକରି, କିଛି ଲୋକ ସେହି ଆରୋଗ୍ୟତାର ଶକ୍ତିକୁ ଅନ୍ୟ କେତେକଙ୍କୁ, ସୁସମାଚାର ପ୍ରଚାରକମାନଙ୍କୁ ଦାନ କରନ୍ତି—ଦାନ କରନ୍ତି। ଏହା ସେହିପରି ହୁଏ ନାହିଁ। ଆରୋଗ୍ୟତାର ଶକ୍ତି ତ ଆପଣଙ୍କ ଭିତରେ ଅଛି। ଏହା ତ ଆପଣଙ୍କ ଭିତରେ ଅଛି। ସେମାନେ ତ ଠିକ ଘୋଡା ଆଗରେ ସେହି ଗାଡିକୁ ଲଗାନ୍ତି। ସୁସମାଚାର ପ୍ରଚାରକଙ୍କ ପାଖରେ ସୁସ୍ଥ କରିବାର ଶକ୍ତି ନ ଥାଏ।

30 ଏହା ତ ପବିତ୍ରଆତ୍ମା ଅଟନ୍ତି ଯାହାଙ୍କ ପାଖରେ ସୁସ୍ଥ କରିବାର ଶକ୍ତି ଥାଏ, ଏବଂ ଆପଣଙ୍କ ପାଖରେ ପବିତ୍ରଆତ୍ମା ଅଛି। ତାହାହିଁ ତ ସେହି ଛୋଟ ଗଛ ଯାହାକି ଆପଣ ଅଟନ୍ତି, ଏବଂ ଆପଣ ଆବଶ୍ୟକ କରୁଥିବା ସମସ୍ତ ଜିନିଷ ଆପଣଙ୍କ ଭିତରେ ରହିଛି। ତେଣୁକରି, ତେବେ,

ଆପଣ କେବଳ ପରମେଶ୍ୱରଙ୍କ ପ୍ରତିଜ୍ଞାରୁ ପାନ କରିବାକୁ ଆରମ୍ଭ କରନ୍ତି, ଏହା କୁହନ୍ତି, "ଏହା ସତ୍ୟ ଅଟେ । ପରମେଶ୍ୱର କହିଛନ୍ତି ସେ ମୋତେ ସୁସ୍ଥ କରିବେ । 'ତାହାଙ୍କର କୋରଡାଘାତ ଦ୍ୱାରା ମୁଁ ସୁସ୍ଥ ହୋଇଅଛି ।'" ଆପଣ ସେଠାରେ ଅଛନ୍ତି । କଅଣ ଆପଣ ଜାଣିଛନ୍ତି ଯେ ଆପଣ କଅଣ କରନ୍ତି? ଆପଣ ଆରୋଗ୍ୟତାକୁ ପ୍ରକଟିତ କରିବା ଆରମ୍ଭ କରନ୍ତି, ତାହାହିଁ ସବୁକିଛି ଅଟେ । ବୁଝିଲେ? ଏବଂ ତାହାପରେ, ଅନ୍ୟମାନେ ଆପଣଙ୍କଠାରେ କଅଣ ଅଛି ତାହା ଦେଖିପାରନ୍ତି ।

31 ତେବେ ଏହା ଯାହା ଅଟେ, "ବିଶ୍ୱାସ ପ୍ରତ୍ୟାଶିତ ବିଷୟର ମୂଳଭୂମି, ଅଦୃଶ୍ୟ ବିଷୟ ନିଶ୍ଚିତ ଜ୍ଞାନ ।"

32 ମୁଁ ସେହି ଛୋଟ ଗଛକୁ ସେଠାରେ ଲଗାଇପାରେ । ମୁଁ ସେଉଗୁଡିକୁ ଦେଖେ ନାହିଁ, ମାତ୍ର ସେଗୁଡିକ ସେଠାରେ ଅଛି । ସେହି ଛୋଟ ଗଛଟି ଜାଣେ ଯେ ସେଗୁଡିକ ସେଠାରେ ଅଛି । ତେଣୁ ସେ କେବଳ ପାନ କରିବା ଆରମ୍ଭ କରେ, ବୃଦ୍ଧି କରେ ଓ ବୃଦ୍ଧିସାଧନ କରିଚାଲେ, କାରଣ ସେ ଜାଣିଥାଏ ଯେ, "ଏହା ମୋ ଭିତରେ ଅଛି । କିଛି ସମୟ ପରେ ମୁଁ ଏହାକୁ ଏଠାରେ ବାହାର କରିବି । ମୋତେ ଟିକିଏ ସମୟ ଦିଅ । ମୋତେ ଟିକିଏ ସମୟ ଧରି ରଖ ।" ସେ କେବଳ ପାନ କରି ଚାଲିଥାଏ । "ହଁ, ମୁଁ ଜାଣେ ଯେ ସେହି ସେଉଗୁଡ଼ିକ ମୋ ଭିତରେ ଅଛି । କିଛି ସମୟ ପରେ, ମୁଁ ସେଗୁଡିକୁ ଆଣିବି ।" ଏବଂ ପ୍ରଥମ ବିଷୟ ଆପଣମାନେ ଜାଣନ୍ତି, ସେଗୁଡିକ ଏଠାରେ ଆସେ । ଏଠାରେ ସେଉଗୁଡିକ ଆସେ, କାରଣ ସେ ବିଶ୍ୱାସ କରିଥିଲା ଯେ ସେଗୁଡିକ ତାହାଠାରେ ଅଛି ।

33 ଏବଂ ଯଦି ଆପଣମାନେ ବିଶ୍ୱାସ କରିବେ ଯେ ଆପଣଙ୍କୁ ସୁସ୍ଥ କରିବା ପାଇଁ, ପବିତ୍ରଆତ୍ମାଙ୍କର ଶକ୍ତି ଆପଣଙ୍କ ଭିତରେ ଅଛି, ତାହାହେଲେ ଆପଣ ସେଠାରେ ଅଛନ୍ତି । କେବଳ ବୃଦ୍ଧିଆ ସାଦାହନ କରିବା ଜାରି ରଖନ୍ତୁ । ବୁଝିଲେ? ଆପଣଙ୍କଠାରେ ବିଶ୍ୱାସ ଅଛି । ଆପଣ ତୁରନ୍ତ ହିଁ ପରିଣାମଗୁଡିକୁ ଦେଖିପାରନ୍ତି ନାହିଁ । ଆପଣ ଏହାକୁ ଦେଖନ୍ତି ନାହିଁ ।

34 ତେବେ, ଦେଖନ୍ତୁ, ଯାକୁବ ନିଜର କାର୍ଯ୍ୟଗୁଡିକ ଦ୍ୱାରା ଅବ୍ରହାମଙ୍କୁ ଧାର୍ମିକ ଦେଖାଇଥିଲେ । ପାଉଲ ନିଜର ବିଶ୍ୱାସ ଦ୍ୱାରା ଅବ୍ରହାମଙ୍କୁ ଧାର୍ମିକ ଦେଖାଇଲେ । ତେବେ ଆମେମାନେ ଉଭୟଙ୍କ ମଧ୍ୟରେ, କଅଣ କହିବା? ଅବ୍ରହାମ ତାହା ବିଷୟରେ କହୁଥିଲେ ଯାହାକି...ମୋର କହିବାର ଅର୍ଥ, ପାଉଲ ତାହା ବିଷୟରେ କହୁଥିଲେ ଯାହା ପରମେଶ୍ୱର ଅବ୍ରହାମଙ୍କଠାରେ ଦେଖିଥିଲେ । ଏବଂ ଯାକୁବ ତାହା ବିଷୟରେ କହୁଥିଲେ ଯାହା ଲୋକମାନେ ଅବ୍ରହାମଙ୍କଠାରେ ଦେଖିଥିଲେ । ବୁଝିଲେ? ତେବେ, ଦେଖନ୍ତୁ?

35 ଅତଏବ, ପରମେଶ୍ୱର ଜାଣିଥିଲେ ଯେ, ଏହା ପୂର୍ବେକି ଶିଶୁଟି ଆସେ, ଅବ୍ରହାମଙ୍କଠାରେ ବିଶ୍ୱାସ ରହିଥିଲା । ଏବଂ ଅବ୍ରହାମ ତାହା ପରମେଶ୍ୱରଙ୍କ ନିକଟରେ ଏହା ଆଚରଣ କରିବା ଦ୍ୱାରା ପ୍ରମାଣ କରିଥିଲେ, ଯେପରିକି (ସେ) ସେହି ଶିଶୁଟି ଆସିବାକୁ ଯାଉଅଛି ଯେତେବେଳେକି ସେ ବନ୍ଧ୍ୟା ଥିଲେ । ତାଙ୍କର କୌଣସି ସନ୍ତାନ ନ ଥିଲେ । ତାଙ୍କର

ପତ୍ନୀଙ୍କ ଗର୍ଭ ମୃତ ହୋଇଯାଇଥିଲା, ଏବଂ ସେ ବନ୍ଧ୍ୟା ଥିଲେ । ମାତ୍ର, ତଥାପି, ସେ ଜାଣିଥିଲେ, "ସେଠାରେ କୌଣସିଠାରେ ସେହି ଶିଶୁଟି ରହିଅଛି ।" ଆପଣ ଦେଖନ୍ତୁ, ସେ ପରମେଶ୍ୱରଙ୍କ ମହାନ ଏଲ୍-ଶଦ୍ଦାଇ, ସେହି ସ୍ତନ ଉପରେ ଝୁଙ୍କି ପଡ଼ି, ସେହି ପ୍ରତିଜ୍ଞାକୁ ପାନ କରି ଚାଲିଲେ । ସେଠାରେ ଝୁଙ୍କି ପଡ଼ି, ପାନ କରି ଚାଲିଲେ, ଏହା ଜାଣି ଯେ ପରମେଶ୍ୱର ଏହା ତାଙ୍କୁ ପ୍ରଦାନ କରିବେ; ଜାଣିଥିଲେ ଯେ ଏହା ଏକ ପ୍ରତିଜ୍ଞା ଅଟେ, ଏବଂ ତାହାଙ୍କୁ ଏହା କରିବାକୁ ଥିଲା ।

36 ଏବଂ ଆମେମାନେ ଅବ୍ରହାମଙ୍କର ସନ୍ତାନ ଅଟୁ । ତେଣୁକରି ଆସନ୍ତୁ ଆମେମାନେ ତାହାଙ୍କର ପ୍ରତିଜ୍ଞା ଉପରେ ଝୁଙ୍କି ପଡ଼ିବା, ଏବଂ ସେଠାରେ ଧରି ରହିଥିବା, ଏହା ଜାଣି ଯେ ପରମେଶ୍ୱର ଏହାକୁ କରିବେ । ସେ ଏହା କହିଛନ୍ତି । କଅଣ ଆପଣ ବର୍ତ୍ତମାନ ଏହାକୁ ବିଶ୍ୱାସ କରୁଛନ୍ତି କି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।]

37 ତାହାପରେ ରୋଗୀମାନଙ୍କର ଧାଡି ଏଠାରେ ଉପରେ ଗୋଟିଏ ପାର୍ଶ୍ୱରୁ ଆସୁ, ଯେଉଁମାନେକି ପ୍ରାର୍ଥନା କରାଇବାକୁ ଚାହାଁନ୍ତି । ଏବଂ ଯଦି ଆମେମାନେ ଏଠାରେ ପ୍ରାଚୀନଙ୍କୁ ପାଇବା ଏବଂ ସେମାନଙ୍କୁ ତେଲରେ ଅଭିଷେକ କରିବା, ମୁଁ ସେମାନଙ୍କ ଉପରେ ପ୍ରାର୍ଥନା କରିବି, ଏବଂ ଆମେମାନେ ବିଶ୍ୱାସ କରିବା ଯେ ପରମେଶ୍ୱର ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ସୁସ୍ଥ କରିବେ । "ଯଦି ତୁମେମାନେ ବିଶ୍ୱାସ କରିପାର ।"

38 ଟେଡି, ଆପଣ କେଉଁଠାରେ ଅଛନ୍ତି? ଏହି ଡାହାଣ-ପାର୍ଶ୍ୱରେ ବୁଲି କରି ଆସନ୍ତୁ । ତାହା ଉତ୍ତମ ଅଟେ । ଏବଂ ମୁଁ ଚାହେଁ ଯେ ଆପଣ ସେହି ଗୀତ *କେବଳ ବିଶ୍ୱାସ କର* ବଜାନ୍ତୁ ।

39 ଏବଂ ଯେତେବେଳେ ସେମାନେ ଆସୁଅଛନ୍ତି, ଆସନ୍ତୁ ବାକି ଶ୍ରୋତାବୃନ୍ଦଗଣ, ଆମେମାନେ କେବଳ ଆମର ମସ୍ତକଗୁଡିକୁ ନତ କରିବା, ଏବଂ ଆସନ୍ତୁ ଏହି ଲୋକମାନଙ୍କ ପାଇଁ ପ୍ରାର୍ଥନାରେ ରହିବା ଯେଉଁମାନେକି ଆସୁଅଛନ୍ତି ।

40 ଆମର ସ୍ୱର୍ଗସ୍ଥ ପିତା, ଆମେମାନେ ଆଜି ସକାଳେ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତୁମ ନିକଟକୁ, ଏହି ଗରିବ, ଅସୁସ୍ଥ, ପୀଡିତ ମାନବଜାତିକୁ ଆଣୁଅଛୁ ଯେଉଁମାନେକି ଏହି ଭୟଙ୍କର, ବିପର୍ଯ୍ୟସ୍ତ ଅବସ୍ଥାରେ ଅଛନ୍ତି । ହେ ପ୍ରଭୁ, ମୁଁ ତୁମକୁ ବିଶ୍ୱାସ କରେ । ମୁଁ—ମୁଁ ଜାଣେ ଯେ ତୁମର ବାକ୍ୟଗୁଡ଼ିକ ସତ୍ୟ ଅଟେ । ସେଗୁଡିକ ଏତେ ଅଧିକ ସତ୍ୟ ଅଟେ! ସେଗୁଡିକ ବିଫଳ ହୋଇପାରେ ନାହିଁ, କାରଣ ସେଗୁଡିକ ପରମେଶ୍ୱରଙ୍କର ଅନନ୍ତ ଏବଂ ଚିରକାଳୀନ ବାକ୍ୟ ଅଟେ । ସେଗୁଡିକ ସର୍ବ-ଶକ୍ତିମାନ ଅଟେ, ଯେପରିକି ପରମେଶ୍ୱର ଅଟନ୍ତି, କାରଣ ସେମାନେ ତାହାଙ୍କର ଏକ ଅଂଶ ଅଟନ୍ତି । "ଆଦ୍ୟରେ ବାକ୍ୟ ଥିଲେ, ଏବଂ ବାକ୍ୟ ପରମେଶ୍ୱରଙ୍କ ସହିତରେ ଥିଲେ, ଏବଂ ସେହି ବାକ୍ୟ ପରମେଶ୍ୱର ଥିଲେ । ଏବଂ ସେହି ବାକ୍ୟ ଦେହବନ୍ତ ହେଲେ ଏବଂ ଆମ ମଧ୍ୟରେ ବାସ କଲେ ।" ବର୍ତ୍ତମାନ, ହେ ପ୍ରଭୁ, ଆମେମାନେ ଆମର ସମସ୍ତ ହୃଦୟ ସହିତ, ଆମର ସମସ୍ତ ପ୍ରାଣ ସହିତ, ଆମ ଭିତରେ ଥିବା ସମସ୍ତକିଛି ବିଷୟ ସହିତ, ତାକୁ ବିଶ୍ୱାସ କରୁ । ଆମେ ଏହାକୁ ବିଶ୍ୱାସ କରୁ ।

41 ଏବଂ ମୁଁ ଏହାକୁ ଲୋକମାନଙ୍କ ନିକଟରେ, ଏକ ସରଳ, ଶିଶୁ-ପରି ଉପାୟରେ,

ଉପସ୍ଥାପିତ କରିବାକୁ ଚେଷ୍ଟା କରିଅଛି, ଯେପରିକି ସେମାନେ ଏହା ବୁଝିପାରିବେ ଏବଂ ଜାଣିପାରିବେ ଯେ ପରମେଶ୍ୱରଙ୍କ ଶକ୍ତି ସେମାନଙ୍କ ଭିତରେ ରହିଅଛି । ଯଦି ସେମାନଙ୍କ ପାଖରେ କେବଳ ସେମାନଙ୍କର ବିଶ୍ୱାସ ରହିଥାଏ ଏବଂ ପରମେଶ୍ୱରଙ୍କ ଆଦେଶଗୁଡିକୁ ପାଳନ କରିପାରନ୍ତି!

42 ସେହିପରି ଭାବରେ ହିଁ ସେମାନେ ଉଦ୍ଧାର କରା ଯାଇଥିଲେ । ସେମାନେ ଆସି ନିଜ ପାପରୁ ଅନୁତାପ କରିଥିଲେ, ଏବଂ ଏହି ବାଇବଲର, ପ୍ରେରିତ କ୍ରିୟା 2 ଅନୁଯାୟୀ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇଥିଲେ । ଏହା ତାହାପରେ ପିତର କହିଥିଲେ, ଯେ, "ତୁମେ ପବିତ୍ରଆତ୍ମାଙ୍କ ଦାନ ପ୍ରାପ୍ତ ହେବ ।" ଏବଂ ଏଠାରେ ଏହା, ଠିକ ଅବିକଳ ଭାବରେ ଆସିଲା, କାରଣ ଏହା ପରମେଶ୍ୱରଙ୍କ ବାକ୍ୟ ପ୍ରକଟିତ ହୋଇଥିଲା ।

43 ତେବେ, ବର୍ତ୍ତମାନ, ସେହି ସମାନ ବିଷୟ ଅଟେ, ପିତା, ଆମେମାନେ ଜାଣୁ ଯେ ତାହା ସତ ଅଟେ, ଯେତେବେଳେକି ଆମେ ରୋଗୀମାନଙ୍କୁ ତେଲରେ ଅଭିଷେକ କରି, ସେମାନଙ୍କ ଉପରେ ପ୍ରାର୍ଥନା କରିଥାଉ । "ବିଶ୍ୱାସର ପ୍ରାର୍ଥନା ରୋଗୀମାନଙ୍କୁ ଉଦ୍ଧାର କରିବ । ପରମେଶ୍ୱର ସେମାନଙ୍କୁ ଉଠାଇବେ ।" ହେ ପରମେଶ୍ୱର, ଏହା ହେଉ ଯେ ଏହି ସ୍ଥାନର ଚାରିଆଡ଼େ ରହିଥିବା, ପ୍ରତ୍ୟେକଜଣ ଅତି ଖୁସି ଏବଂ ଆନନ୍ଦ ସହକାରେ, ଏହି ବେଦୀକୁ ଛାଡ଼ି ଯାଆନ୍ତୁ, ଏହା ଜାଣି ରଖି ଯେ ପରମେଶ୍ୱର ସେମାନଙ୍କୁ ସୁସ୍ଥ କରିଛନ୍ତି । "ଯାଅ, ଏବଂ ସୁସ୍ଥ ହୁଅ ।" କାରଣ ଆମେ ବର୍ତ୍ତମାନ ସେମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତୁମଠାରେ ସମର୍ପଣ କରୁଅଛୁ ।

44 ଏବଂ ପ୍ରତ୍ୟେକ ଜଣ ସୁସ୍ଥ ହୁଅନ୍ତୁ, ଏବଂ ସେହି ଦର୍ଶନକୁ ଧରନ୍ତୁ, ଯେ ଏହାର ଅର୍ଥ କଅଣ, ଯେପରିକି ଅବ୍ରହାମ, ସେହି ନ ଥିବା ବିଷୟଗୁଡ଼ିକୁ ଥିବା ପରି ଡାକିଥିଲେ, ଯାଏ ଆସେ ନାହିଁ ଯେ ପରିଣାମଗୁଡିକ କଅଣ ଥିଲା, ତାହାର ବିଶ୍ୱାସ ସହିତ କୌଣସି ସମ୍ପର୍କ ନାହିଁ । ପରିଣାମମାନ କିଛି ନୁହେଁ । ବିଶ୍ୱାସ ତ ଆଗରୁ ଧରି ରହିଛି । "ଏବଂ ବିଶ୍ୱାସ ପ୍ରତ୍ୟାଶିତ ବିଷୟର ମୂଳଭୂମି, ଏବଂ ଅଦୃଶ୍ୟ ବିଷୟର ନିଶ୍ଚିତ ଜ୍ଞାନ ।" ପରମେଶ୍ୱର, ଏହା ହେଉ ଯେ ତାହା ସେମାନଙ୍କ ହୃଦୟରେ ଗଭୀର ଭାବରେ ନିମଜ୍ଜିତ ହୋଇଯାଉ, କାରଣ ସେମାନେ ତୁମକୁ ଆବଶ୍ୟକ କରୁଛନ୍ତି ।

45 ମୁଁ ତୁମର ବିନମ୍ର ସେବକ ଭାବରେ, ଏଠାରେ ଅନ୍ୟ ସେବକମାନଙ୍କ ସହିତରେ ଛିଡା ହୋଇଅଛି, ଏବଂ ପରମେଶ୍ୱରଙ୍କ ନିକଟରେ ଏହି ଅସୁସ୍ଥ ଲୋକମାନଙ୍କୁ ଆମ ହୃଦୟରେ ରଖିବା ପାଇଁ ପ୍ରାର୍ଥନା କରୁଅଛି । ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ ।

46 କେହି ଜଣେ କହିଲେ ଯେ ଭାଇ ଏଷ୍ଟଲେ ବିଲର ଭବନରେ ଅଛନ୍ତି । ଏବଂ ମୁଁ ବିଶ୍ୱାସ କରେ ଯେ ଏଠାରେ ଆଉ ଜଣେ ସେବକ ଅଛନ୍ତି, ଯିଏକି ଆଜି ସକାଳେ, ପ୍ରାର୍ଥନାରେ ନେତୃତ୍ୱ ନେଇଥିଲେ । ଆମେମାନେ ଏଠାରେ ଥିବା ସମସ୍ତ ସେବକମାନଙ୍କୁ ନିବେଦନ କରିବାକୁ ଚାହୁଁ, ଯେ ସେମାନେ ଯାହାକିଛି ବି ଅଟନ୍ତି, ଯଦି ଆପଣ ଭାଇମାନେ, ଦୟାକରି, ଅଳ୍ପକ୍ଷଣ ପାଇଁ,

ଏଠାରେ ଉପରକୁ ଆସି ଆମ ସହିତରେ, ଏହି ବେଦୀର ଚାରିପାଖରେ ଛିଡା ହେବେ କି। ଏବଂ ସେହି ପୁରୁଷମାନେ...ଭାଇ ବେନ୍, ଆପଣଙ୍କୁ ଧନ୍ୟବାଦ। ଠିକ୍ ଉପରକୁ ଆସନ୍ତୁ ଏବଂ ଏଠାରେ ଚାରିପାଖରେ, ବେଦୀ ଚାରିପାଖରେ ଛିଡା ହୁଅନ୍ତୁ, ଯେପରିକି ଆମେମାନେ ଏହି ଲୋକମାନଙ୍କ ସହିତ ପ୍ରାର୍ଥନା କରିପାରୁ, ସେମାନଙ୍କ ଉପରେ ହାତ ରଖିପାରୁ।

47 ତେବେ, ଯେତେବେଳେ ସେମାନେ ଏହି ଗୀତଟିକୁ ବଜାଉଥାନ୍ତି। ଏବଂ ସେବକଗଣ ଏଠାରେ ସେମାନଙ୍କର ସ୍ଥାନକୁ ଗ୍ରହଣ କରୁଅଛନ୍ତି, ଯେଣୁ ଆମେ, ପ୍ରତ୍ୟେକ ଜଣ, ରୋଗୀମାନଙ୍କ ଉପରେ ହାତ ରଖିପାରୁ।

48 ତେବେ ଆସନ୍ତୁ ଦେଖିବା, ପର୍ବତର ପାର୍ଶ୍ୱରେ ତଳକୁ ଓହ୍ଲାଇ ଆସୁଥିବା। ମୁଁ ଜଣେ ବ୍ୟକ୍ତିଙ୍କୁ ଆସୁଥିବାର ଦେଖୁଅଛି, ଅନ୍ୟ କୌଣସି ବ୍ୟକ୍ତିଙ୍କଠାରୁ ଭିନ୍ନ ନୁହଁନ୍ତି। ସେ ତ କେବଳ ଜଣେ ସାଧାରଣ ବ୍ୟକ୍ତି ଥିଲେ, ଶରୀର ଆକାରରେ ଛୋଟ, ବରଂ ଦୁର୍ବଳ। ଯେତେବେଳେ ଆମେ ତାହାଙ୍କୁ ଅନାଉଥିବାର ଦେଖୁ, ତାଙ୍କ ଆଖି ତଳେ ଉପତ୍ୟକାରେ ଘଟୁଥିବା ଏକ—ଏକ ଦୃଶ୍ୟ ଉପରେ ପଡ଼େ। ଏହା ତାହାଙ୍କର ପ୍ରେରିତମାନେ ଥିଲେ। ସେଠାରେ ସେମାନଙ୍କ ପାଖରେ ଏକ ବାଳକ ରହିଥିଲା, ଯିଏକି ଅପସ୍ମାର ପୀଡିତ ଥିଲା, ଏବଂ କୌଣସି ସନ୍ଦେହ ନାହିଁ ଯେ ସେମାନେ ଏହା କହୁଥିଲେ, "ହେ ପ୍ରଭୁ, ତାକୁ ସୁସ୍ଥ କର! ତାକୁ ସୁସ୍ଥ କର!"

49 ମାତ୍ର, ଆପଣମାନେ ଦେଖନ୍ତୁ, କେବଳ ଏହା କହି ଦେବା, "ତାକୁ ସୁସ୍ଥ କର, ହେ ପ୍ରଭୁ, ତାକୁ ସୁସ୍ଥ କର," ତାହା କାମ ଦେବ ନାହିଁ। ତାହା ତ କାମ ହିଁ କରିବ ନାହିଁ। କିଛି ଗୋଟାଏ ବିଷୟ ତାହାର, "ହେ ପ୍ରଭୁ, ତାକୁ ସୁସ୍ଥ କର" ପଛରେ ରହିବା ଆବଶ୍ୟକ। ବୁଝିଲେ? ଏବଂ ଯଦି ମୁଁ ଆପଣଙ୍କୁ ତାହା ବିଶ୍ୱାସ କରିବାରେ ପ୍ରବର୍ତ୍ତାଇପାରେ, ଏବଂ ସମସ୍ତ ହୃଦୟ ସହିତ ତାହା ବିଶ୍ୱାସ କରାଇପାରେ, ତାହାହେଲେ ଆପଣ ସୁସ୍ଥ ହେବାକୁ ଯାଉଛନ୍ତି, ଯଦି ମୁଁ ଆପଣଙ୍କୁ ପ୍ରକୃତରେ ସେହି ଦର୍ଶନକୁ ଦେଖାଇପାରେ।

50 ତେବେ ଦେଖନ୍ତୁ, ସେହି ଶିଷ୍ୟମାନେ ସେଠାରେ ଛିଡା ହୋଇଥିଲେ, ବୋଧହୁଏ ତାକୁ ଝାଙ୍କି ଦେଉଥିଲେ, ବୋଧହୁଏ ଅଧିକ ଜୋରରେ ଠେଲି ଦେଉଥିଲେ, "ଭାଇ, ଏହାକୁ ବିଶ୍ୱାସ କର! ଏହାକୁ ବିଶ୍ୱାସ କର! ହାଲ୍ଲେଲୁୟା! ଏହାକୁ ବିଶ୍ୱାସ କର! ହେ ପ୍ରଭୁ, ତାକୁ ସୁସ୍ଥ କର! ତାକୁ ସୁସ୍ଥ କର!" କିନ୍ତୁ ସେହି ଶୟତାନ ଠିକ ସେଠାରେ ରହିଥିଲା, କାରଣ ସେଠାରେ ତାକୁ ଘଉଡାଇ ବାହାର କରିବା ପାଇଁ ସେ ଯଥେଷ୍ଟ ବିଶ୍ୱାସ ପାଇ ନ ଥିଲା।

51 ମାତ୍ର ଏଠାରେ ସେହି ପାହାଡ ଉପରୁ ଜଣେ ତଳକୁ ଓହ୍ଲାଇ ଆସନ୍ତି। ଏବଂ ଠିକ ଯେତେବେଳେ ସେହି ଶୟତାନ ତାହା ଚିହ୍ନିପାରିଲା ଯେ ତାହା ତ ଅନ୍ୟ ପୁରୁଷମାନଙ୍କଠାରୁ ଟିକେ ଅଲଗା ଥିଲା! ଦେଖନ୍ତୁ?

52 ତେବେ, ସେହି ପ୍ରକାରର ପୁରୁଷମାନଙ୍କୁ ଆମେମାନେ ଚାହୁଁ ଯେ ସେମାନେ ସେଠାରେ ରୁହନ୍ତୁ, ଆମର ପ୍ରଭୁ ଯୀଶୁଙ୍କ ପରି। ହଁ। କେବଳ ଏକ ଦର୍ଶନ କରିବା ପାଇଁ ଆସନ୍ତୁ ନାହିଁ, ମାତ୍ର

ଆସନ୍ତୁ, ଆମ ପରମେଶ୍ୱରଙ୍କୁ ପ୍ରେମ କରନ୍ତୁ, ଜାଣନ୍ତୁ ଯେ ଆମକୁ ଯାଇ ଏହା କରିବା ପାଇଁ କାର୍ଯ୍ୟଭାର ଦିଆଯାଇଅଛି । ଏହା ଆମର କାର୍ଯ୍ୟଭାର ଅଟେ ।

53 ତାହାପରେ, ଯେତେବେଳେ ସେ ପିତାଙ୍କ ନିକଟକୁ ଗଲେ, ମୁଁ ଭାବୁଛି ଯେ ଏହା ସେହି ସ୍ଥାନ ଅଟେ ଯେଉଁଠାରୁକି ଏହି ଗୀତ ଲେଖାଯାଇଥିଲା, ବାକ୍ୟରୁ ରଚନା କରାଯାଇଥିଲା, ସେହି ବାଳକର ପିତା କହିଲା, "ପ୍ରଭୁ, ମୋ ପୁତ୍ର ଉପରେ ଦୟା କର, କାରଣ ସେ ଅତିଶୟ ଭାବରେ ଏକ ଶୟତାନ ଦ୍ୱାରା କଷ୍ଟ ପାଉଅଛି ।" କହିଲା, "ଏହା ତାକୁ ନିଆଁରେ ନିକ୍ଷେପ କରି ଦିଏ, ଏବଂ ମୋଡି ଦେଇଥାଏ, ଏବଂ ଇତ୍ୟାଦି ସବୁ କରିଥାଏ ।" ସେ କହିଲା, "ମୁଁ ତାକୁ ତୁମର ଶିଷ୍ୟମାନଙ୍କ ନିକଟକୁ ଆଣିଲି, ମାତ୍ର ସେମାନେ ତାକୁ ସୁସ୍ଥ କରିପାରିଲେ ନାହିଁ । କିନ୍ତୁ ମୁଁ—ମୁଁ—ମୁଁ ଭାବିଲି…"

54 ଯୀଶୁ କହିଲେ, "ମୁଁ କରିପାରେ, ଯଦି ତୁମେ ବିଶ୍ୱାସ କରିବ । ତେବେ, ମୋ ଠାରେ ମୋର ଶକ୍ତି ରହିଛି," ସେ କହିଲେ, "ଏହା କରିବା ପାଇଁ, ଯଦି ତୁମେ ଏହାକୁ ବିଶ୍ୱାସ କରିପାର ।"

55 କଅଣ ପରମେଶ୍ୱର ଆଜି ସକାଳେ ଏଠାରେ ବସିଥିବା ସେହି କର୍କଟ-ରୋଗରେ ଆକ୍ରାନ୍ତ ଲୋକମାନଙ୍କୁ ସେହିପରି ଯିବାକୁ ଦେବେ କି, ଯେଉଁମାନେକି ଆକ୍ରାନ୍ତ ଅଟନ୍ତି, କର୍କଟ-ରୋଗରେ ଆକ୍ରାନ୍ତ ଶଯ୍ୟାଶାୟୀ ଅଟନ୍ତି, ଏବଂ ଲ୍ୟୁକେମିଆ ରୁଧିର କର୍କଟ, ଅସୁସ୍ଥତା, ଦୁଃଖ ପୀଡାରେ ଆକ୍ରାନ୍ତ ଅଟନ୍ତି, କଅଣ ପରମେଶ୍ୱର ସେମାନଙ୍କୁ ସୁସ୍ଥ କରି ଦେବେ ଓ ତୁମମାନଙ୍କୁ ଅଣଦେଖା କରିଦେବେ କି? ସମ୍ଭବ ନୁହେଁ । ନା । ଦେଖନ୍ତୁ? ତେବେ, ସେ ବିଫଳ ହୁଅନ୍ତି ନାହିଁ । "ଯଦି ତୁମେ ବିଶ୍ୱାସ କର, ମୁଁ କରିପାରେ ।" ସେ କଅଣ କହିଲେ?

> କାରଣ ସମସ୍ତ ବିଷୟ ସମ୍ଭବ, କେବଳ…

ତେବେ, ଭାଇ ଟାଇଲର, ଆସନ୍ତୁ…?…

> ତେବେ କେବଳ ବିଶ୍ୱାସ କର, କେବଳ ବିଶ୍ୱାସ କର,

56 ବର୍ତ୍ତମାନ, ଯେତେବେଳେ ମୁଁ ପ୍ରାର୍ଥନା କରେ, ମୁଁ ଚାହେଁ ଯେ ଆପଣମାନେ ଲୋକମାନଙ୍କ ଉପରେ ହାତ ରଖନ୍ତୁ । ସେମାନେ ଯାହାକିଛି ଆବଶ୍ୟକ କରନ୍ତି,…?… ଏବଂ ଠିକ ସେହି ଧାଡି ଦେଇ ଯାଆନ୍ତୁ ।

57 ଭାଇ ନେଭିଲ୍, ଆପଣ ତେଲରେ ଅଭିଷେକ କରନ୍ତୁ, ଏବଂ ଭାଇମାନେ…?…

58 ବର୍ତ୍ତମାନ ଚାହେଁ ଯେ, ଶ୍ରୋତାବୃନ୍ଦଙ୍କ ଗହଣରେ ସମସ୍ତେ, ମସ୍ତକ ନତ କରନ୍ତୁ । ସମସ୍ତେ ପ୍ରାର୍ଥନାରେ ଗଭୀର ଭାବେ ରୁହନ୍ତୁ ।

> କେବଳ…

59 ହେ ପ୍ରଭୁ, ମୁଁ ପ୍ରାର୍ଥନା କରୁଛି, ଯେ ଦୟା କର, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମ ଜରିଆରେ, ଏହି ଲୋକମାନଙ୍କୁ ସୁସ୍ଥ କର । ଆମେନ୍ ।

ନାଜରିତୀୟ ଯୀଶୁଙ୍କ ନାମରେ…?…[ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।]

60 ସେହି ଧାଡିରେ ଥିବା, ଅନେକ ଲୋକମାନେ, ସେମାନଙ୍କୁ ଦେଖୁଛନ୍ତି, ଯେ ସେମାନଙ୍କର ପ୍ରତିକ୍ରିୟାକୁ ଦେଖନ୍ତି ଯେ ସେମାନେ କିପରି ଥିଲେ, ଏହା ଦେଖନ୍ତି ଯେ ସେମାନେ ଏକ କ୍ରିୟାରେ କିପରି ପ୍ରତିକ୍ରିୟା ଦିଅନ୍ତି । ବୁଝିଲେ? ସେଠାରେ ଗୋଟିଏ କ୍ରିୟା ଭଳି ଏକ ବିଷୟ ଅଛି, ସେମାନେ ଉଠିଲେ ଏବଂ ଆଗକୁ ଆସିଲେ । ଆଉ ଗୋଟିଏ ବିଷୟ ହେଉଛି, ଯେ ସେମାନେ କରିଥିବା କାର୍ଯ୍ୟ ଉପରେ ସେମାନେ କିପରି ପ୍ରତିକ୍ରିୟା ଦିଅନ୍ତି । ସେମାନେ ବିଶ୍ୱାସ କରିବା ପାଇଁ ସେହି ସ୍ଥାନକୁ ଆସିବା ପରେ, ଯେ, ଯେତେବେଳେ ସେମାନେ ପ୍ରାର୍ଥନା କରା ଯାଇଥାଆନ୍ତି, ସେତେବେଳେ ସେମାନେ ସୁସ୍ଥ ହୋଇଯିବେ, ସେତେବେଳେ ସେମାନଙ୍କର କ୍ରିୟାର ପ୍ରତିକ୍ରିୟାକୁ ଦେଖନ୍ତୁ ।

61 ତେବେ, ମୁଁ ସୁନିଶ୍ଚିତ, ଯେ ଆଜି ସକାଳେ, ଆମର ପାଳକ ଆମ ପାଇଁ ଏକ ଉତ୍ତମ ବାର୍ତ୍ତା ରଖିଛନ୍ତି ।

62 ଗୋଟିଏ ବିଷୟ ମୁଁ କିଛି କ୍ଷଣ ତାହା ଉପରେ ଟିପ୍ପଣୀ କରିବାକୁ ଚାହେଁ, ଯେ ଜଣେ କ୍ୟାଥୋଲିକ ଝିଅ ଯିଏକି ସେହି ବେଦୀ ନିକଟରେ ଠିଆ ହୋଇଥିଲେ । କିଛି ଦିନ ପୂର୍ବରୁ ସେ ମୋ ଘରେ ଥିଲେ, ସେ ଏବଂ ତାଙ୍କ ସ୍ୱାମୀ । ଏବଂ ମୁଁ ତାଙ୍କ ସ୍ୱାମୀଙ୍କୁ କିଛି ସମୟ ହେଲା ଜାଣିଛି । ଏବଂ—ଏବଂ ଯେତେବେଳେ ଆମେ ଏକ ବ୍ୟକ୍ତିଗତ ସାକ୍ଷାତକାରରେ ବସିଥିଲୁ ସେଠାରେ ସେହି ସମ୍ବନ୍ଧରେ କିଛି ଗୋଟାଏ ବିଷୟ ଥିଲା ।

63 ସେହିଠାରେ ହିଁ ଅଟେ ଯେଉଁଠାରେକି ଆମେ ଦର୍ଶନ ଦେଖିଥିଲୁ । ସେହିଠାରେ ହିଁ ଅଟେ ଯେଉଁଠାରେକି ଆମେ…ମୁଁ ଏହାକୁ ଏଠାରେ ମଣ୍ଡଳୀରେ ଦେଖୁଥିଲି, ମାତ୍ର ଠିକ ସକାଳୁ ଉଠାଇ ନିଆ ଯାଇଥିଲି, ଏବଂ ପ୍ରଭୃତି ସବୁ । ଏବଂ ତେଣୁକରି ଏହା ସେଠାରେ ଥିଲା ।

64 ମୁଁ କଦାପି କିଛି କହିଲି ନାହିଁ, କାରଣ ସେ ଜଣେ ଝିଅ ହୋଇଥିବାରୁ, ପୁଣି ଆଉ ଏକ ବିଷୟ, ସର୍ବଦା ଏକ କ୍ୟାଥୋଲିକ୍ ମଣ୍ଡଳୀରେ ପାଳିତ ହୋଇଥିଲେ ଏବଂ ପ୍ରଭୃତି ସବୁ । ମାତ୍ର ସେ ତାଙ୍କ ମାଆଙ୍କ ସହ କଥା ହେବାକୁ ଚାଲିଗଲେ । ଏବଂ ସେହି ସମୟରେ, ମୁଁ ତାଙ୍କ ମାଆଙ୍କର ଏକ ଦର୍ଶନ ଦେଖିଲି । ତାଙ୍କ ମାଆଙ୍କୁ କହିଲି ଯେ ତାଙ୍କର ଅସୁବିଧା କଅଣ ଥିଲା, ଏବଂ ତାଙ୍କୁ ବର୍ଣ୍ଣନା କଲି, ଏବଂ ତାଙ୍କ ମାଆ କିପରି ଅନାଇ ରହିଥିଲେ । ଅବଶ୍ୟ, ସେ ତାହାର ବିଚାର କରିଥିଲେ, ଯେ ତାହା ଠିକ୍ ଥିଲା କି ନାହିଁ । ମୁଁ ମୋ ଜୀବନରେ, କେବେବି ତାଙ୍କ ମାଆଙ୍କୁ ଦେଖି ନାହିଁ । ସେ ତାହା ଜାଣନ୍ତି ।

65 ଏବଂ ସେହି ଝିଅଟି, ଆଜି ସକାଳେ, ଏଠାରେ ଯଜ୍ଞବେଦୀ ନିକଟକୁ ଆସି ଛିଡା ହେଲେ, ଯେ ଏକ ସ୍ୱୀକାରୋକ୍ତି କରନ୍ତେ, ଏବଂ ଖ୍ରୀଷ୍ଟଙ୍କୁ ନିଜର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରନ୍ତେ । ଆଜି ସକାଳେ, ସେ ତାହା ଯଜ୍ଞବେଦୀ ନିକଟରେ କଲେ ।

66 ଭାଇ ନେଭିଲ୍, ଏହା ନ ଜାଣି ଥିବାରୁ, ତାଙ୍କୁ ତେଲରେ ଅଭିଷେକ କରି ଦେଲେ । ପରମେଶ୍ୱର କିପରି—କିପରି ଭାବରେ କାମ କରନ୍ତି! ରୋଗୀମାନଙ୍କ ପାଇଁ ଥିବା, ସେହି ତେଲରେ ତାଙ୍କୁ ଅଭିଷେକ କରି ଦେଲେ । ମାତ୍ର ପବିତ୍ରଆତ୍ମାଙ୍କ ଗତିବିଧିକୁ ଲକ୍ଷ୍ୟ କରନ୍ତୁ ।

ବର୍ତ୍ତମାନ, ଯେହେତୁ ସେ ଅଭିଷିକ୍ତ ହୋଇଥିଲେ, ପ୍ରକୃତରେ ଅସୁସ୍ଥ ନ ଥିଲେ, ମାତ୍ର ଅଭିଷିକ୍ତ ହୋଇଥିଲେ। ଦେଖନ୍ତୁ ଯେ ଏହା କିପରି ସବୁକିଛି ବିଷୟକୁ ସଠିକ୍ ଭାବେ କାର୍ଯ୍ୟକାରୀ କରାଇଥାଏ? ସେ ବର୍ତ୍ତମାନ ଜଣେ ଖ୍ରୀଷ୍ଟିଆନ ଭାବରେ ଛିଡା ହୋଇଥିଲେ, ଯାହାକୁ ଆମେମାନେ ଯାହାକୁ ଜଣେ ଖ୍ରୀଷ୍ଟିଆନ ହେବା ବୋଲି ବିଶ୍ୱାସ କରିଥାଉ ତାହାର ପରେ। ତେବେ, ସେ କହିଲେ, "କଅଣ ଆପଣ ମୋ ମାଆ ପାଇଁ ପ୍ରାର୍ଥନା କରିବେ କି? ସେ ଅସୁସ୍ଥ ଅଛନ୍ତି।" ତାହା ସେହି ସମାନ ଜଣକ ଅଟନ୍ତି। ତେଣୁ ସେହି ଅଭିଷେକ ତେଲଟି ଆଗରୁ ଲଗା ଯାଇଥିଲା।

67 ମୁଁ ଭାବିଲି, ଏହା କେତେ ଉପଯୁକ୍ତ, ଯେ, ଦେଖନ୍ତୁ, କେହି ଜଣେ ଠିକ ବର୍ତ୍ତମାନ ହିଁ ଉଦ୍ଧାରପ୍ରାପ୍ତ ହୋଇଛନ୍ତି। ଖ୍ରୀଷ୍ଟ ଆମ ସମସ୍ତଙ୍କ ପାଇଁ ଛିଡା ହୋଇଥିଲେ। ସେ ସମସ୍ତଙ୍କ ପାଇଁ ଛିଡା ହୋଇଥାନ୍ତି। ଏବଂ ଏହି ଝିଅଟି ଖ୍ରୀଷ୍ଟିଆନ ହେବା ମାତ୍ରକେ, ସେ ମଧ୍ୟ, କାହାରି ପାଇଁ ଛିଡା ହେବାକୁ ଚାହିଁଲେ, ଯାହାକି ଏହା ଦର୍ଶାଉଅଛି ଯେ ଖ୍ରୀଷ୍ଟଙ୍କ ଆତ୍ମା ଆମ ଭିତରକୁ ସେତେବେଳେ ଆସନ୍ତି ଯେତେବେଳେ ଆମେମାନେ ପ୍ରକୃତରେ ଉଦ୍ଧାର ପାଇଥାଉ। ତେବେ, ତାହା ପ୍ରକୃତରେ ଭଲ ଅଟେ। ମୁଁ—ମୁଁ ନିଶ୍ଚିତ ଭାବରେ ତାହା ପ୍ରଶଂସା କରେ, ବିଶ୍ୱାସର ସେହି ଉତ୍ତମ ଖ୍ରୀଷ୍ଟିଆନ ଆତ୍ମାକୁ। ବର୍ତ୍ତମାନ, କେବଳ ମନେରଖନ୍ତୁ।

68 ତେବେ, ଏହି ଯୁବା ମହିଳାଙ୍କୁ, ସେ ଏଠାରେ କୌଣସି ସ୍ଥାନରେ ଅଛନ୍ତି, ଏବଂ ଅନ୍ୟ ଜଣେ କ୍ୟାଥୋଲିକ୍ ମହିଳାଙ୍କ ପାଇଁ ଯିଏକି ସଙ୍ଗରେ ଆସିଥିଲେ। ଏବଂ ମୁଁ ଏହି ଶବ୍ଦଗୁଡିକୁ କହିବାକୁ ଚାହେଁ, ଏହା ପୂର୍ବେକି ମୁଁ ସଭାକୁ ଆମର ପାଳକଙ୍କୁ ଦେଇ ଦିଏ, ଦେଖନ୍ତୁ, ତାହା ହେଉଛି ଏହା:

69 ତେବେ, ସେହି କ୍ୟାଥୋଲିକ୍ ମଣ୍ଡଳୀ ଏକଦା ଏହି ମଣ୍ଡଳୀ ପରି ହିଁ ଥିଲା। ଯଦି ଆପଣମାନେ ଫେରି ଯାଇ ବାଇବଲ ପାଠ କରିବେ, ଯାହାକି ଆମେମାନେ ବିଶ୍ୱାସ କରୁ, ଏବଂ ଆପଣମାନେ ଜାଣନ୍ତି ଯେ କ୍ୟାଥୋଲିକ ମଣ୍ଡଳୀଟି ସେହି ପ୍ରଥମ ମଣ୍ଡଳୀ ଥିଲା। ତାହା ସତ୍ୟ ଅଟେ। ମାତ୍ର ଏହା ତାହାର ଶିକ୍ଷାଠାରୁ ଦୂରେଇ ଗଲା। *ଏହା* କ୍ୟାଥୋଲିକ୍ ମଣ୍ଡଳୀର ଶିକ୍ଷା ଥିଲା। ମାତ୍ର, ଆପଣମାନେ ଦେଖନ୍ତୁ, ସେମାନଙ୍କ ପାଖରେ ଛଅ ଶହ ଏବଂ ଅନ୍ୟ କିଛି ପୁସ୍ତକମାନ ରହିଛି ଯାହାକି ପୋପ୍‌ମାନେ ଏବଂ ଅନ୍ୟାନ୍ୟମାନେ ଲେଖିଥିଲେ, ଯାହାକି ସେମାନଙ୍କ ପାଇଁ ଏହି ବାଇବଲ ପରି ହିଁ ସେତିକି ପବିତ୍ର ଅଟେ।

70 ତେଣୁକରି, ଦେଖନ୍ତୁ, ଯେ ଏହା କଅଣ ଅଟେ, ଆପଣ ବଦଳି ଯାଇନାହାଁନ୍ତି। ଆପଣ ଯାହା କରିଛନ୍ତି, ତାହା ହେଉଛି ଆପଣ କେବଳ ପରିବର୍ତ୍ତିତ ହୋଇଗଲେ। ବୁଝିଲେ? ତେବେ ଯଦି ଆପଣ ନେବେ…ଅବଶ୍ୟ, ମୁଁ ଅନୁମାନ କରୁଛି ଯେ ବୋଧହୁଏ ଆପଣମାନଙ୍କ ମଧ୍ୟରୁ କେତେକ, ସେହି ଦୁଇଜଣ, ଆଜି ସକାଳେ, ସ୍ତ୍ରୀଲୋକମାନେ ଥିଲେ। ହୋଇପାରେ ଯେ ଏଠାରେ ଆଉ କିଛି କ୍ୟାଥୋଲିକ୍ ପୁରୁଷମାନେ ବସିଥିବେ।

71 ଯଦି ଆପଣ ମଣ୍ଡଳୀର ଇତିହାସ ନିକଟକୁ ଫେରିଯିବେ, ଯଦି ଆପଣ ନିଜର

ପୁରୋହିତଙ୍କୁ ପଚାରି ପାରିବେ, "ଏଠାରେ ବାଇବଲରେ ଥିବା ଏହି ପ୍ରେରିତମାନଙ୍କ କାର୍ଯ୍ୟକଳାପଗୁଡିକ, କଅଣ ଏହା ସେହି ଉପାୟରେ ଥିଲା କି ଯାହା…କଅଣ ଏହା ସେହି ପ୍ରାରମ୍ଭିକ କ୍ୟାଥୋଲିକ୍ ଥିଲେ କି?" ସେ କହିବେ, "ହଁ।" ଏବଂ ତାହା ସତ୍ୟ ଅଟେ। ସେମାନେ ଥିଲେ। ତେବେ, ସେମାନେ, ଦେଖନ୍ତୁ ଯେ ସେମାନଙ୍କ ପାଖରେ କେଉଁ ପ୍ରକାରର ଧର୍ମ ରହିଥିଲା। ସେମାନେ ଛୋଟ, ସାଧାରଣ ସ୍ଥାନରେ ଭେଟ ହେଉଥିଲେ। ସେମାନେ କଦାପି ଏହା କହୁ ନ ଥିଲେ, "ନମସ୍କାର ମରିୟମ" କିମ୍ବା "ଆମ ପିତାଙ୍କର।" ତାହା ତ ମଣ୍ଡଳୀର ଏକ ପରମ୍ପରା ଅଟେ। ସେମାନେ କଅଣ କହିଥିଲେ? ସେମାନେ ପରମେଶ୍ୱରଙ୍କର ପ୍ରଶଂସା କରିଥିଲେ। ସେମାନେ ଚିତ୍କାର କରିଥିଲେ। ସେମାନେ କାନ୍ଦିଥିଲେ।

72 ଏଠାରେ ପ୍ରେରିତ କ୍ରିୟା 2 ରେ ଦେଖନ୍ତୁ, ଯେତେବେଳେ ସେହି ପବିତ୍ର ପ୍ରେରିତ ପିତର, ଏବଂ ଯାକୁବ, ଓ ଯୋହନ ଏବଂ ସମସ୍ତେ ଏକାଠି ଥିଲେ। ବାଇବଲ କୁହେ ଯେ ସେମାନେ ପରଭାଷାରେ କଥା କହିଥିଲେ। ଏବଂ ସେମାନେ ଚିତ୍କାର କରିଥିଲେ, ଏବଂ ଏପରିକି ଆତ୍ମାରେ ଏତେ—ଏତେ ଅଧିକ ପରିପୂର୍ଣ୍ଣ ହୋଇ ଆଚରଣ କରିଥିଲେ ଯେ ସେମାନେ ଆଚରଣ କରିଥିଲେ ଯେପରିକି ମଦ୍ୟପାନ କରିଛନ୍ତି, ଏବଂ ଏପରିକି ବାହ୍ୟ ଜଗତ ପଚାରିଥିଲା, "ଏହି ସମସ୍ତେ କଅଣ ମଦ୍ୟପ ନୁହଁନ୍ତି କି?"

73 ଏବଂ ସେତେବେଳେ ପିତର, ସେହି ପ୍ରେରିତ, ସେହି ପବିତ୍ର ସନ୍ଥ ପିତର, ଯେତେବେଳେ ସେ ଛିଡା ହେଲେ, ଏବଂ ସେ କହିଲେ, "ପୁରୁଷ ଓ ଭାଇମାନେ, ଏହି ଲୋକମାନେ ମଦ୍ୟପାନ କରି ନାହାଁନ୍ତି, ବରଂ ସେମାନେ ଆତ୍ମାରେ ପରିପୂର୍ଣ୍ଣ ଅଟନ୍ତି," ଯେପରିକି ସେହି—ଯେପରିକି ସେହି ବାଇବଲ କୁହେ ଯେ ସେମାନେ ଥିଲେ। ତେବେ, ସେମାନଙ୍କର ଶିକ୍ଷା ଅନୁଯାୟୀ, ତାହାହିଁ ସେହି ପ୍ରାରମ୍ଭିକ କ୍ୟାଥୋଲିକ୍ ମଣ୍ଡଳୀ ଥିଲା।

74 ବର୍ତ୍ତମାନ, ଆପଣମାନେ ଦେଖନ୍ତୁ, ପ୍ରାୟଃ ଦୁଇଶହ ବର୍ଷ ପରେ, ସେହି ମାନ୍ୟଗଣ୍ୟ ବ୍ୟକ୍ତିମାନେ ମଣ୍ଡଳୀ ଭିତରକୁ ଆସିବାକୁ ଲାଗିଲେ। ତେବେ ସେମାନେ କଅଣ କଲେ? ସେମାନେ ୬୦୬ **ଖ୍ରୀଷ୍ଟାବ୍ଦରେ,** ନାଇସିନ୍ ପରିଷଦରେ ସେମାନଙ୍କର ପ୍ରଥମ ସଂଗଠନ ତିଆରି କଲେ। ସେମାନେ ସେମାନଙ୍କର ତିଆରି କଲେ…ଯେତେବେଳେ ନାଇସିନ୍ ପରିଷଦ ରୋମ୍‌ର, ନାଇସିଆରେ ଅନୁଷ୍ଠିତ ହୋଇଥିଲା, ସେମାନେ ସମସ୍ତେ ବଡ ବଡ ମାନ୍ୟଗଣଙ୍କୁ ନେଇକରି ଆସିବାକୁ ଆରମ୍ଭ କଲେ, ଏବଂ ସେମାନେ ଠିକ ଏକ ମଣ୍ଡଳୀ *ଗଠନ* କଲେ, ଏବଂ ଏକ ମଣ୍ଡଳୀ *ତିଆରି* କଲେ।

75 ତାହା ପରେ, ଏହା ଚାରି କିମ୍ବା ପାଞ୍ଚ ଥର ଭାଙ୍ଗିଲା। ସେମାନେ ଗଲେ—ସେମାନେ ସେଥିରୁ, ବିଶପ୍‌ଙ୍କ ନିକଟକୁ ଗଲେ; ବିଶପ୍‌ଙ୍କ ଠାରୁ, ଏକ ପୋପ୍ ନିକଟକୁ ଗଲେ। ଏବଂ ସେଠାରୁ ନେଇ, ସେହି ଗ୍ରୀକ୍ ଅର୍ଥଡକ୍ସ ଏବଂ ଭିନ୍ନ ଭିନ୍ନ ସଂଗଠନମାନ ଆସିଲା, ଯେପର୍ଯ୍ୟନ୍ତ କି ସେମାନେ ଭାଙ୍ଗି ଯାଇ, ସେହି ଅବସ୍ଥାକୁ ଆସି ନ ଗଲେ ଯେଉଁଠାରେ କି ଆଜି ଆପଣ ଏହାକୁ ଦେଖୁଛନ୍ତି। ଏହା ତ କେବଳ ସମସ୍ତ ପ୍ରକାରର ଭଙ୍ଗା ଯାଇଥିବା ଅବସ୍ଥାରେ ଅଛି।

76 ମାତ୍ର ଯାହା ଆମେମାନେ କରିବାକୁ ଚେଷ୍ଟା କରୁଅଛୁ, ମୋର କ୍ୟାଥୋଲିକ୍ ବନ୍ଧୁ... ଦେଖନ୍ତୁ, ଆମେମାନେ ମଧ୍ୟ, କ୍ୟାଥୋଲିକ୍ ଅଟୁ, ଆମେମାନେ ହେଉଛୁ ସେହି ପ୍ରାଚୀନ, ପ୍ରାରମ୍ଭିକ କ୍ୟାଥୋଲିକ୍। ଏବଂ ସେହି ମଣ୍ଡଳୀ ଯାହାକି ସେମାନେ ଆମକୁ ବର୍ତ୍ତମାନ ପ୍ରାୟତଃ, ଡାକନ୍ତି, ଆମେମାନେ ପେଣ୍ଟିକଷ୍ଟାଲ୍ ବୋଲି କୁହା ଯାଇଥାଉ, କାରଣ ଆମେ ପେଣ୍ଟିକଷ୍ଟାଲ୍ ଆଶୀର୍ବାଦରେ ବିଶ୍ୱାସ କରୁ।

77 ସେହିଠାରେ ହିଁ ଅଟେ ଯେଉଁଠାରେକି କ୍ୟାଥୋଲିକ୍ ମଣ୍ଡଳୀ ସଂସ୍ଥାଗତ ହୋଇଥିଲା। ଏବଂ ଆମର ପେଣ୍ଟିକଷ୍ଟର ସଂସ୍ଥାଗୁଡ଼ିକରେ, ଆଜି, ଯଦି—ଯଦି ଏହି ଜଗତ ଆହୁରି ପାଞ୍ଚ ଶହ ବର୍ଷ ଅଧିକ ତିଷ୍ଠି ରହିବ, ଏହି ପେଣ୍ଟିକଷ୍ଟାଲ୍ ସଂଗଠନଟି ଆଜିର ଥିବା ସେହି ରୋମାନ୍ କ୍ୟାଥୋଲିକ୍ ମଣ୍ଡଳୀ ଅପେକ୍ଷା ଅଧିକ ଆନୁଷ୍ଠାନିକ ହୋଇଯିବ ଯେତିକି ତାହା ଆଜି ଅଛି। ଏହା ତ ସେହି ସମାନ ଭାବରେ, ଅଧିକ ଦୂରକୁ ଚାଲି ଯାଉଅଛି। ଏବଂ ଯେତେବେଳେ ସେମାନେ ସଂଗଠିତ ହୁଅନ୍ତି, ସେମାନେ ଏଥିରୁ ଏକ ପାନ୍ଥଶାଳା ତିଆରି କରି ଦିଅନ୍ତି। ଏବଂ ତାହାପରେ ସେମାନେ କେବଳ ପାନ୍ଥଶାଳା ହୋଇଯାଆନ୍ତି, ଏବଂ ସଦସ୍ୟମାନ, ଏବଂ ଅପରିବର୍ତ୍ତିତ ପ୍ରାଣଗୁଡିକୁ ଗ୍ରହଣ କରନ୍ତି।

78 ମୋର ବହୁମୂଲ୍ୟ, ପ୍ରିୟ ଭାଇ ଓ ଭଉଣୀମାନଙ୍କୁ, ଆପଣ ସମସ୍ତଙ୍କୁ। ପରମେଶ୍ୱରଙ୍କ ଜଣେ ସେବକ ଭାବରେ, ମୁଁ ଏହାକୁ ଆଗରୁ କେବେବି, ଏହି ଜଗତରେ, ଏହି ମଣ୍ଡଳୀରେ କହି ନାହିଁ। ମାତ୍ର ପ୍ରଭୁଙ୍କର ଜଣେ ଭବିଷ୍ୟଦ୍‌ବକ୍ତା ଭାବରେ, ମୁଁ ଆପଣମାନଙ୍କୁ କହୁଅଛି, "ଏହା ହେଉଛି ସେହି ଜ୍ୟୋତି। ଆପଣମାନେ ଏଥିରେ ଚାଲନ୍ତୁ।"

61-0413 ବିଶ୍ୱାସ

ବ୍ରାନ୍‌ହାମ୍ ଟାବର୍ନେକଲ

ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ୟୁ.ଏସ୍.ଏ.

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।

ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org